ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.226 Bhubaneswar Friday October 28 2022 | ୨୫ତମ ବର୍ଷ ସଂଖ୍ୟା-୨୨୬ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୮, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ଚାପରେ ମୁଖ୍ୟ ନିର୍ବାଚନ ଅଧିକାରୀ: ଏଣିକି ୧୦୦ ମିନିଟରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର ,୨୭।୧୦(ପି.ଏନ): ଧାମନଗର ଉପନିର୍ବାଚନରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ ବିଜେଡି ଓ ବିଜେପି ମଧ୍ୟରେ ପ୍ରତିଯୋଗିତା ଚାଲିଥିବା ଓ ବାରମ୍ବାର ଦୁଇ ଦଳ ପରସ୍ପର ବିରୁଦ୍ଧରେ ନିର୍ବାଚନ କମିଶନଙ୍କ ପାଖରେ ଅଭିଯୋଗ ଆଣିବା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଉପରେ ଚାପ ବୃଦ୍ଧି ପାଇଛି । ଭୋଟଗ୍ରହଣକୁ ଆଉ ମାତ୍ର ୬ଦିନ ବାକି ଥିବାବେଳେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିବାର ପ୍ରମାଣ ମିଳିଲେ ୧୦୦ମିନିଟ୍ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ନିର୍ବାଚନରେ ଅନିୟମିତତା ହେଉଥିବାର କୌଣସି ପ୍ରମାଣ ଥିଲେ ମୋବାଇଲ୍ ଆପ୍ ସି-ଭିଜିଲ୍ ମାଧ୍ୟମରେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସିଇସି ପରାମର୍ଶ ଦେଇଛନ୍ତି ।ନୂଆଦିଲ୍ଲୀରେ ଜାତୀୟ ନିର୍ବାଚନ ଆୟୋଗଙ୍କ ପାଖରେ ଉଭୟ ବିଜେପି ଓ ବିଜେଡି ପରସ୍ପର ବିରୁଦ୍ଧରେ ଧାମନଗରରେ ଟଙ୍କା ବଂଟାର ଅଭିଯୋଗ ଆଣିବା ପରେ ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀ ଲୋହାନୀ କହିଛନ୍ତି ଯେ, ଅକ୍ଟୋବର ୩ ତାରିଖଠାରୁ ଆଦର୍ଶ ଆଚରଣବିଧି ଧାମନଗର ନିର୍ବାଚନ ମଣ୍ଡଳୀ ସହ ସମଗ୍ର ଜିଲ୍ଲାରେ ବଳବତ୍ତର ରହିଛି । ଆଦର୍ଶ ଆଚରଣବିଧି ହେଉଛି ଏକ ନିର୍ଦ୍ଦେଶିତ ନିୟମ ଯାହାକି ନିର୍ବାଚନ ସମୟରେ ନିର୍ବାଚନ କାର୍ଯ୍ୟରେ ସଂପୃକ୍ତ ସମସ୍ତ ହିତାଧିକାରୀମାନେ ନିଶ୍ଚିତ ଭାବେ ପାଳନ କରିବେ । ଏପରିକି ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ସମସ୍ତ ସରକାରୀ କର୍ମଚାରୀମାନେ ମଧ୍ୟ ଏହି ଆଦର୍ଶ ଆଚରଣ ବିଧିକୁ ମାନିବାକୁ ବାଧ୍ୟ । ଏବେ ଧାମନଗର ଉପନିର୍ବାଚନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲୁଅଛି ଓ ନିର୍ବାଚନ ପ୍ରଚାର ସମୟରେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ହେଉଥିବା ନେଇ ଅନେକଗୁଡିଏ ଅଭିଯୋଗ ରାଜନୀତିକ ଦଳଗୁଡିକଠୁ ମିଳିଛି ।ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ହୋଇଥିଲେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଲୋହାନୀ ଜଣାଇଛନ୍ତି । ନିର୍ବାଚନ ସମୟରେ ଭୋଟରମାନଙ୍କୁ ଟଙ୍କା ଦେଇ ପ୍ରବର୍ତ୍ତାଇବା କିମ୍ବା ଭୋଟରଙ୍କୁ ଭୟଭୀତ କରାଇ ଭୋଟଦେବା ପାଇଁ ବାଧ୍ୟ କରିବା ହେଉଛି ଜଘନ୍ୟ ଅପରାଧ । ଏସବୁ କାର୍ଯ୍ୟରେ ଯେକୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳର କର୍ମକର୍ତ୍ତା କିମ୍ବା ପ୍ରାର୍ଥୀ, ଯେକେହି ବି ଏଥିରେ ସଂପୃକ୍ତ ଥିବାର ପ୍ରମାଣ ମିଳିଲେ ସେମାନଙ୍କ ବିରୁଦ୍ଧରେ ଆଇପିସିର ବିଭିନ୍ନ ଧାରା ଓ ଜନପ୍ରତିନିଧି ଆଇନର ବିଭିନ୍ନ ଧାରାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ଶ୍ରୀ ଲୋହାନୀ କହିଛନ୍ତି ଯେ, ନିର୍ବାଚନବେଳେ ଯଦି କୌଣସି ପ୍ରକାରର ବେଆଇନ୍ କାମ ଯଥା ଭୋଟରଙ୍କୁ ଟଙ୍କା ବାଂଟିବା, ଭୋଟରଙ୍କୁ ଧମକଚମକ, ରାଜନୀତିକ ଦଳଗୁଡିକ ଦ୍ୱାରା ବେଆଇନ ସଭାସମିତି, ଡାକବାଜି ଯନ୍ତ୍ର ଓ ଗାଡିର ଅପବ୍ୟବହାର ଆଦି ବେଆଇନ କାର୍ଯ୍ୟ ହେଉଥିଲେ ଯେକୌଣସି ବ୍ୟକ୍ତି ନିଜ ମୋବାଇଲ୍ ଫୋନ୍ ମାଧ୍ୟମରେ ଭିଡିଓ ଚିତ୍ର ଉତ୍ତୋଳନ କରି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଲେ ୧୦୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ସି-ଭିଜିଲ୍ ଆପ୍ ଉପଯୋଗ କରିବାକୁ ଶ୍ରୀ ଲୋହାନୀ ପରାମର୍ଶ ଦେଇଛନ୍ତି । ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି ।



## ଉପନିର୍ବାଚନ ପାଇଁ ଖୋଲିବ ନିୟନ୍ତ୍ରଣ କକ୍ଷ , ଦିନ ରାତି ହେବ ଅବକାରୀ ଚଢାଉ

ଭୁବନେଶ୍ୱର, ୨୭।୧୦(ପି.ଏନ): ଧାମନଗର ଉପନିର୍ବାଚନ ସମୟରେ ଯେଭଳି କୌଣସି ଅବକାରୀ ଜନିତ ଅଘଟଣ ନଘଟେ ତାହା ଉପରେ କଡା ନଜର ରଖିବାପାଇଁ ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହ ଅବକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ସିଂହ ଆଜି ଉପନିର୍ବାଚନ ପରିପ୍ରେକ୍ଷୀରେ ଅବକାରୀ ଧରପଗଡ ଓ କାର୍ଯ୍ୟାନୁଷ୍ଠାନ ନେଇ ସମୀକ୍ଷା କରିଛନ୍ତି । ଅବକାରୀ କମିଶନର ଶ୍ରୀ ସିଂହ ଭଦ୍ରକ ଅବକାରୀ ଅଧିକ୍ଷକଙ୍କୁ ଅଧିକ ନିୟନ୍ତ୍ରଣ କକ୍ଷ ଖୋଲିବା ସହିତ ଦିନ ଓ ରାତି ପଇଁନ୍ତରା ଓ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ବାଲେଶ୍ୱର ଅବକାରୀ ଅଧିକ୍ଷକ ଭଦ୍ରକ ଜିଲ୍ଲାର ଆଖପାଖ ଅଂଚଳରେ ପ୍ରତିଦିନ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ଇଆଇ ଓ ଇବି ୟୁନିଟ୍-୨, କଟକର ଅଧିକ୍ଷକ ଭଦ୍ରକରେ କ୍ୟାମ୍ପ କରି ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ର୍ନିବାଚନ ପାଇଁ ସମସ୍ତଙ୍କୁ ସଜାଗ ଓ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓ କୌଣସି ପରିସ୍ଥିତିରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଅବକାରୀ କମିଶନର ସତର୍କ କରାଇ ଦେଇଛନ୍ତି ।ଭଦ୍ରକର ପଡ଼ୋଶୀ ଜିଲ୍ଲା ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ବାଲେଶ୍ୱରର ଅଧିକ୍ଷକ ମାନଙ୍କୁ ନିଶାଦ୍ରବ୍ୟର ବେଆଇନ ଚାଲାଣ ଉପରେ ନଜର ରଖିବାକୁ ଏବଂ ପ୍ରତିଦିନ ନିର୍ଦ୍ଦେଶାଳୟ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭଦ୍ରକର ଏସଇଙ୍କୁ ମଧ୍ୟ ର୍ନିଦ୍ଧାରିତ ଫର୍ମାଟରେ ରିପୋର୍ଟ ଦାଖଲ କରିବା ଏବଂ ଏନଫୋର୍ସମେଂଟକୁ ବ୍ୟକ୍ତିଗତ ଭାବେ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତିଦିନ ପ୍ରବର୍ତନ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ କେନ୍ଦ୍ରାଂଚଳ ଅତିରିକ୍ତ ଅବକାରୀ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଭର୍ଚୁଆଲ ମୋଡରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଅବକାରୀ କମିଶନର ରାମଚନ୍ଦ୍ର ପାଲଟା, ଅତିରିକ୍ତ ଅବକାରୀ କମିଶନର ରାମଚନ୍ଦ୍ର ମିଶ୍ର, ରଜତ କୁମାର ପ୍ରହରାଜ ଏବଂ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ବାଲେଶ୍ୱର, ଫ୍ଲାଇଙ୍ଗ ସ୍କ୍ୱାର୍ଡ, ଇଆଇ ଏବଂ ଇବି ୟୁନିଟ-୨, କଟକର ଅଧିକ୍ଷକ ଯୋଗ ଦେଇଥିଲେ ।

## ବିଜେପି କର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରୁଛି ପୋଲିସ

ଭୁବନେଶ୍ୱର, ୨୭।୧୦(ପି.ଏନ): ଧାମନଗର ଉପନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ବିଜେଡି ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରି ଆସୁଛି । ଶାସକ ଦଳ ବାରମ୍ବାର ଆଚରଣ ବିଧି ଉଲଘଂନ ବିଧି ଉଲଘଂନ କରୁଥିବାବେଳେ ସ୍ଥାନୀୟ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଓ ବିଧାନସଭା ନିର୍ବାଚନ ଅଧିକାରୀ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାବେଳେ ଭାରତୀୟ ଜନତା ପାର୍ଟିର ୯୩୨ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତାଙ୍କୁ ମିଥ୍ୟା ନୋଟିସ୍ ଦେଇ ହାରାସମେଂଟ କରୁଛି ପୋଲିସ ପ୍ରଶାସନ । ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତାଙ୍କ ବିରୋଧରେ ମିଥ୍ୟା ମାମଲା, ମିଥ୍ୟା ନୋଟିସ୍ ଦେଇ ଭୟଭୀତ କରାଉଛି ପୋଲିସ । ସେହିଭଳି ଉଦ୍ଦେଶ୍ୟମୂଳକ ଭାବେ ହାରାସମେଂଟ କରି ଦଳୀୟ ପ୍ରଚାରରେ ବାଧା ସୃଷ୍ଟି କରିବା ଷଡଯନ୍ତ୍ରର ରଚନା କରିଛନ୍ତି ପ୍ରଶାସନିକ ଅଧିକାରୀମାନେ । ଏନେଇ ଗୁରୁବାର ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ପ୍ରସଙ୍ଗରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।ଭଦ୍ରକ ପୋଲିସ ବିଜେପିର କାର୍ଯ୍ୟକର୍ତାଙ୍କୁ ଟାର୍ଗେଟ କରିଥିବାରୁ ଭାରତୀୟ ଜନତା ପାର୍ଟି ଏହାକୁ ଘୋର ନିନ୍ଦା କରିବା ସହ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସିଇଓଙ୍କୁ ଭେଟି ବିଜେପି ଦାବି କରିଛି । ଭଦ୍ରକ ଜିଲ୍ଲା ପ୍ରଶାସନ ଓ ପୋଲିସ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଭାରତୀୟ ସମ୍ବିଧାନ ପ୍ରତି କୁଠାରଘାତ ଭଳି । ଭଦ୍ରକ ଜିଲ୍ଲା ପ୍ରଶାସନ ବିଜୁ ଜନତା ଦଳର ଚାମଚାଗିରି ଛାଡି ଜନହିତରେ କାର୍ଯ୍ୟକରନ୍ତୁ । ଆଇନକୁ ନିଜ ବାଟରେ ନନେଇ ଆଇନକୁ ତା'ବାଟରେ ପରିଚାଳିତ କରନ୍ତୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ବୋଲି ଡ. ଲେଖାଶ୍ରୀ କହିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶୀନି ପଟ୍ଟନାୟକ, ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଜ୍ଜନ ଶର୍ମା, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ କସ୍ତୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ ଦୁଇ ଲାଞ୍ଚୁଆ କର୍ମଚାରୀ

ବ୍ରହ୍ମପୁର: ଭିଜିଲାନ୍ସ ପଞ୍ଝାରେ ପଡିଛନ୍ତି ଗଂଜାମ ରେଞ୍ଜ-୧ର ଡ୍ରଗ୍ସ ଇନ୍ସପେକ୍ଟର ଅଫିସର ୨ କର୍ମଚାରୀ। ଅଫିସରେ କନିଷ୍ଠ କିରାଣି ଭାବେ କାମ କରୁଥିବା ଜୟନ୍ତ କୁମାର ମଲ୍ଲିକ ଓ ଡାଟା ଏଣ୍ଟ୍ରି ଅପରେଟର(DEO) ପ୍ରେମାଞ୍ଜନ ସ୍ୱାଇଁଙ୍କୁ ଧରିଛି ଭିଜିଲାନ୍ସ। ଗୋଟିଏ ମେଡିସିନ୍ ଦୋକାନର ସ୍ଥାନ ପରିବର୍ତ୍ତନ ପାଇଁ ଏମାନେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ।ଓଡିଶା ଭିଜିଲାନ୍ସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଏହି ଦୁଇ କର୍ମଚାରୀ ଗୋଟିଏ ମେଡିସିନ ଷ୍ଟୋରର ମ୍ୟାନେଜରଙ୍କୁ ଲାଞ୍ଚ ମାଗିଥିଲେ। ଟଙ୍କା ଦେଲେ ମେଡିସିନ ଷ୍ଟୋର ସ୍ଥାନ ବଦଳି ପାରିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଯୋଜନା ଅନୁସାରେ ଦୁଇ କର୍ମଚାରୀ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେମାନଙ୍କୁ କାବୁ କରାଯାଇଛି ।ଲାଞ୍ଚ ଆକାରରେ ନେଇଥିବା ସବୁ ଟଙ୍କାକୁ ଭିଜିଲାନ୍ସ ଅଧିକାରୀମାନେ ଅଭିଯୁକ୍ତ ଜୟନ୍ତ କୁମାର ମଲ୍ଲିକଙ୍କ ଠାରୁ ଠାବ କରିଛନ୍ତି ।

## କୋଣାର୍କ ରେ ଇକୋ ରିଟ୍ରିଟ୍ ଡିସେମ୍ବର ୧ ରୁ

ପୁରୀ , ୨୭।୧୦(ପି.ଏନ): କୋଣାର୍କ ଠାରେ ଇକୋ ରିଟ୍ରିଟ୍ ର ଚତୁର୍ଥ ସଂସ୍କରଣ ଚଳିତ ବର୍ଷ ଡିସେମ୍ବର ୧ ତାରିଖରୁ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି । ଏ ସମ୍ପର୍କରେ ଏକ ବୈଠକ ଆଜି ଅପରାହ୍ନ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ସମର୍ଥ ବର୍ମା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷ ର ଅଭିଜ୍ଞତା ଓ ଅନୁଭବ କୁ ଆଧାର କରି ଚଳିତ ବର୍ଷ ର ଇକୋ ରିଟ୍ରିଟ୍ କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ବିଭାଗ ର ଯାହା ଦାୟିତ୍ୱ ତାହାକୁ ନିଷ୍ଠାପର ଓ ସମୟ ପୂର୍ବରୁ ସାରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପ୍ରତ୍ୟେକ ଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ କହିଥିଲେ। ପର୍ଯ୍ୟଟନ ବିଭାଗ ଜିଲ୍ଲା ପ୍ରଶାସନ ଓ ଇ ଫାକ୍ଟର ଏଜେନ୍ସି ର ମିଳିତ ସହଯୋଗ ରେ ଇକୋ ରିଟ୍ରିଟ୍ ଡିସେମ୍ବର୧ରୁ ୨୦୨୩ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ବ୍ୟବସ୍ଥା କରାଯାଇଛି। ୭୦ ଗୋଟି ଲକଜରି ଟେଣ୍ଟ କରାଯିବ ଯେଉଁ ଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ ।ଇକୋ ରିଟ୍ରିଟ୍ ସମୟରେ ଜଳକ୍ରିଡା,ବିଚ ସ୍ପୋର୍ଟସ,ଇଣ୍ଡୋର ଗେମ ଇତ୍ୟାଦି ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ, ପାଣି, ମୋବାଇଲ ନେଟୱାର୍କ ସହ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ପାର୍କିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା,୨୪ ଘଣ୍ଟିଆ ଲାଇଫ ଗାର୍ଡ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକ ମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ ବୋଲି ସ୍ଥିର ହୋଇଛି। ସମସ୍ତ କାର୍ଯ୍ୟ କୁ ସୁନ୍ଦର ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଆସୁଥିବା ପର୍ଯ୍ୟଟକ ମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲିପ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିଜ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୁରୀ ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଅନ୍ୟାନ୍ୟ ବିଭାଗ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଇକୋ ରିଟ୍ରିଟ୍ ର ଆୟୋଜନ କରୁଥିବା ଇ ଫାକ୍ଟରର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

## ୧୫ ସହରରେ ରାତ୍ରି ତାପମାତ୍ରା ୨୦ ଡ଼ିଗ୍ରୀ ତଳେ ରେକର୍ଡ

ଭୁବନେଶ୍ୱର, ୨୭।୧୦(ପି.ଏନ): ରାଜ୍ୟର୧୫ ସହରରେ ରାତ୍ରି ତାପମାତ୍ରା ୨୦ ଡ଼ିଗ୍ରୀ ତଳେ ଥିବା ରେକର୍ଡ କରାଯାଇଛି । କୋରାପୁଟରେ ସର୍ବନିମ୍ନ ରାତ୍ରି ତାପମାତ୍ରା ୧୪.୨ ଡ଼ିଗ୍ରୀ, କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡିରେ ୧୬ ଡ଼ିଗ୍ରୀ, ବୌଦ୍ଧ, ସୋନପୁର ଏବଂ ଫୁଲବାଣୀରେ ୧୭ ଡ଼ିଗ୍ରୀ ରାତ୍ରି ତାପମାତ୍ରା ରେକର୍ଡ ହୋଇଛି ।ସେହିପରି ଆଗାମୀ ୩ରୁ ୪ ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି । ଏଥିସହ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଟ୍ୱିଟ୍ ରୁ ସୂଚନା ମିଳିଛି ।

## ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ଅଭିଯୋଗ ହେଲେ ୧୦୦ ମିନିଟ୍ ରେ କାର୍ଯ୍ୟାନୁଷ୍ଠାନ : ସିଇଓ

ଭୁବନେଶ୍ୱର,୨୭।୧୦(ପି.ଏନ): ଆଗକୁ ଧାମନଗର ଉପନିର୍ବାଚନ ଥିବା ବେଳେ ଆଦର୍ଶ ଆଚରଣ ବିଧିର କଡାକଡି ପାଳନ ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ। ଏହାର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ। ନିର୍ବାଚନବେଳେ ଯଦି କୌଣସି ପ୍ରକାରର ବେଆଇନ୍ କାମ ଯଥା ଭୋଟରଙ୍କୁ ଟଙ୍କା ବାଂଟିବା ବା ଧମକଚମକ ଦେଇ ଭୋଟ ଦେବା ପାଇଁ ବାଧ୍ୟ କରିବା ଇତ୍ୟାଦି କାର୍ଯ୍ୟ ହେଉଥାଏ ତାହାହେଲେ ନାଗରିକମାନେ ନିଜ ମୋବାଇଲ୍ ମାଧ୍ୟମରେ ଭିଡ଼ିଓ ଚିତ୍ର ଉତୋଳନ କରି ସଂପୃକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଲେ ୧୦୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଏଥିପାଇଁ ସି-ଭିଜିଲ୍ ନାମକ ଏକ ମୋବାଇଲ୍ ଆପ୍ ର ପ୍ରଚଳନ କରାଯାଇଛି। ବର୍ତମାନ ସୁଦ୍ଧା ସି-ଭିଜିଲ ଆପ ଜରିଆରେ ୬ଟି ଅଭିଯୋଗ ଆସିଛି ।ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଲୋହାନୀ କହିଛନ୍ତି ନିର୍ବାଚନ ସମୟରେ ବେଆଇନ କାର୍ଯ୍ୟ ଯଥା ଭୋଟରମାନଙ୍କୁ ଟଙ୍କା ଦେଇ ଭୋଟଦେବା ପାଇଁ ପ୍ରବର୍ତାଇବା କିମ୍ବା ଭୋଟରଙ୍କୁ ନିୟମିତ ଭୟଭୀତ କରାଇ ଭୋଟଦେବା ପାଇଁ ବାଧ୍ୟ କରିବା ହେଉଛି ଜଘନ୍ୟ ଅପରାଧ । ଏସବୁ କାର୍ଯ୍ୟରେ ଯେକୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳର କର୍ମକର୍ତା କିମ୍ବା ପ୍ରାର୍ଥୀ, ଯେକେହି ବି ଏଥିରେ ସଂପୃକ୍ତ ଥିବାର ପ୍ରମାଣ ମିଳିଲେ ସେମାନଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳ କୋର୍ଡ ଧାରା ୧୭୧(ଖ), ୧୭୧(ଗ), ୧୭୧(ଡ) ଏବଂ ୧୭୧(ଚ) ଏବଂ ଲୋକପ୍ରତିନିଧି ଆଇନ ୧୯୫୧ର ଧାରା ୧୨୩(୧) ଏବଂ ୧୨୩(୨) ଅନୁସାରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉପନିର୍ବାଚନ ପରିପ୍ରେକ୍ଷୀରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ସର୍ବଦଳୀୟ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ରାଜନୈତିକ ଦଳର କର୍ମକର୍ତାଙ୍କୁ ନିର୍ବାଚନ ସମୟରେ କ'ଣ କରିବାଓ କ'ଣ ନକରିବା ସଂପର୍କରେ ଏକ ନିର୍ଦ୍ଦେଶାବଳୀ ପ୍ରଦାନ କରିବା ସହ ଅବଗତ କରାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଧାମନଗର ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ଆଚରଣ ବିଧି ଉଲ୍ଲଂଘନ ନେଇ ୧୦୨ ଗୋଟି ଅଭିଯୋଗ ଗ୍ରହଣ କରାଯାଇ ସବୁଗୁଡ଼ିକରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ଥାନାରେ ଦୁଇଜଣଙ୍କ ବିରୁଦ୍ଧରେ ଏଫ୍ଆଇଆର ଦିଆଯାଇଛି। ଆଚରଣବିଧି ଉଲ୍ଲଂଘନ କରି ଜନସାଧାରଣ ଓ ବ୍ୟକ୍ତିଗତ କୋଠାବାଡ଼ିଗୁଡ଼ିକୁ ବିକୃତ କରି ନିର୍ବାଚନ ପ୍ରଚାର କରିବା ଅଭିଯୋଗରେ ୧୬୧୪ ଗୋଟି କେସ୍ ଜିଲ୍ଲା ପ୍ରଶାସନ ନଜରକୁ ଆସିଛି । ସେହିପରି ଜନସାଧାରଣ ଓ ବ୍ୟକ୍ତିଗତ ସଂପତି ଯଥା କୋଠାବାଡ଼ିଗୁଡ଼ିକରେ ପୋଷ୍ଟରବ୍ୟାନର, କାନ୍ଥରେ ଲେଖିବା ଇତ୍ୟାଦି ଅଭିଯୋଗରେ ୨୦୦୬ ଗୋଟି କେସ୍ ଧରା ପଡ଼ିବା ସହ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ଜିଲ୍ଲା ପୋଲିସ ପ୍ରଶାସନ ଦ୍ୱାରା ଚଢ଼ାଉ କରାଯାଇ ୬୩୯ ଗୋଟି ଅସ୍ତ୍ରଶସ୍ତ୍ର ଜବତ କରାଯିବା ସହ ସିଆରପିସି ଧାରା ୧୦୭ ଓ ୧୧୬ ଅନୁସାରେ ୨୦୧୧ ଜଣଙ୍କୁ ଅଟକ ରଖାଯାଇଛି ଓ ୧୯୬ ଜଣଙ୍କ ବିରୁଦ୍ଧରେ ଜାମିନବିହୀନ ପରୱାନା ଜାରି କରାଯାଇଛି । ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରାଇବା ପାଇଁ ଜିଲ୍ଲା ପୋଲିସ ଏବଂ ଅବକାରୀ ବିଭାଗ ଜିଲ୍ଲାର ବିଭିନ୍ନ ସ୍ଥାନରେ ମିଳିତ ଭାବେ ଚଢ଼ାଉ କରି ୧୯୭ ଗୋଟି କେସ୍ ରୁଜୁ କରିବା ସହ ୨୧୬ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ଓ ୧୪୦୦ ହଜାର ଲିଟର ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଶ୍ରୀ ଲୋହାନୀ ଜଣାଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଚେତାବନୀ: ମେଡିକାଲରେ ଦଲାଲଙ୍କ ସହ ସଲାସୁତୁରା ପଡିବ ମହଙ୍ଗା



ଭୁବନେଶ୍ୱର,୨୭।୧୦(ପି.ଏନ): ସରକାରୀ ମେଡିକାଲ ଓ ହସ୍ପିଟାଲଗୁଡିକରେ ଦଲାଲମାନେ ସକ୍ରିୟ ହୋଇ ରୋଗୀ ତଥା ସେମାନଙ୍କର ସମ୍ପର୍କୀୟଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଇ ନିକଟସ୍ଥ ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ଚିକିତ୍ସା ନିମନ୍ତେ ପ୍ରବର୍ତ୍ତାଇବା ଏଣିକି ମହଙ୍ଗା ପଡିବ ।ଏପରିକି ଯଦି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଏହି ଦଲାଲମାନଙ୍କ ସହ ମିଶିଥିବାର ଯଦି କୌଣସି ପ୍ରମାଣ ମିଳେ ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ । କେବଳ ସେତିକି ନୁହେଁ ଏଭଳି ଦଲାଲଙ୍କୁ ଚିହ୍ନଟ କରି ସ୍ଥାନୀୟ ଥାନାରେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ନେବାକୁ ଆଜି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି ।ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପଣ୍ଡିତ ଆଜି ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲର ମୁଖ୍ୟ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସମେତ ଜିଲ୍ଲାପାଳ, ଏସପି , ଡିସିପି ଓ ମହାନଗର ନିଗମ କମିଶନରମାନଙ୍କୁ ଚିଠି ଲେଖି ସରକାରୀ ହସ୍ପିଟାଲ ଓ ମେଡିକାଲଗୁଡିକରେ ଦଲାଲମାନେ ସକ୍ରିୟ ହୋଇ ରୋଗୀଙ୍କୁ ଚିକିତ୍ସା ନାଁରେ ବିଭ୍ରାନ୍ତ କରୁଥିବାର ଖବର ସରକାରଙ୍କ ନଜରକୁ ଆସିଥିବା କହିଛନ୍ତି । ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନଙ୍କୁ ହସ୍ପିଟାଲର ଓପିଡି ନିକଟରେ ଠାବ କରି ସେମାନଙ୍କୁ ନିକଟସ୍ଥ ଘରୋଇ ହସ୍ପିଟାଲ ଓ କ୍ଲିନିକରେ ଭଲ ମାଗଣା ଚିକିତ୍ସା ମିଳିବ ବୋଲି ମିଛ ଆଶ୍ୱାସନା ଦେଉଛନ୍ତି ଓ ସେମାନଙ୍କଠୁ ଅର୍ଥ ଦାବି କରୁଛନ୍ତି । ରୋଗୀ ଓ ସେମାନଙ୍କ ପରିବାରକୁ ସରକାରୀ ହସ୍ପିଟାଲରେ ଭଲ ଚିକିତ୍ସା ସୁବିଧା ନାହିଁ ବୋଲି କହି ଏହି ଦଲାଲମାନେ ବିଭ୍ରାନ୍ତ କରାଉଛନ୍ତି ।ସେହିପରି ସରକାରୀ ମେଡିକାଲ ବା ହସ୍ପିଟାଲର କୌଣସି ଡାକ୍ତର, ପାରାମେଡିକାଲ ଷ୍ଟାଫ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଯଦି ଏହି ଦଲାଲମାନଙ୍କୁ ସହଯୋଗ କରୁଥିବେ ଅବା ସେମାନଙ୍କ ସହ ସଲାସୁତୁରାରେ ଥିବେ ସେମାନଙ୍କ ବିରୁଦ୍ଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେଡିକାଲ ମୁଖ୍ୟ ଅଧିକାରୀମାନଙ୍କୁ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି ।ଏହାସହିତ ସମସ୍ତ ଅଧ୍ୟାପକ, ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଓ ହସ୍ପିଟାଲର ଅନ୍ୟ କର୍ମଚାରୀଙ୍କୁ ଏଭଳି ଦଲାଲଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେବା ସହ ସରକାରୀ ହସ୍ପିଟାଲଗୁଡିକ ପରିସରରେ ଯଦି କେହି ଏଭଳି କରୁଥିବାର ଦେଖିବାକୁ ମିଳିବ ତୁରନ୍ତ ଅଟକ ରଖି ନିକଟସ୍ଥ ଥାନାକୁ ଅବଗତ କରାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମତୀ ପଣ୍ଡିତ ପରାମର୍ଶ ଦେଇଛନ୍ତି ।ରୋଗୀ ଓ ସେମାନଙ୍କର ସମ୍ପର୍କୀୟଙ୍କ ସୁବିଧା ନିମନ୍ତେ ହସ୍ପିଟାଲର ମୁଖ୍ୟ ପ୍ରବେଶ ପଥରେ ବିଭିନ୍ନ ଓପିଡି(ବହିର୍ବିଭାଗ ରୋଗୀ)କୁ ଯିବାର ମାର୍ଗ ସ୍ପଷ୍ଟ ଭାବେ ଓଡିଆ ଓ ଇଂରାଜୀ ଭାଷାର ସାଇନବୋର୍ଡରେ ଲେଖିବା ତଥା ସମସ୍ତ ଓପିଡି ସାମ୍ନାରେ ମଧ୍ୟ ଉଭୟ ଭାଷାରେ ସୂଚନା ଦେବାକୁ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି । ଯଦି କେହି ଏହି ନିର୍ଦ୍ଦେଶନାମାକୁ ଉଲ୍ଲଘଂନ କରନ୍ତି, ତେବେ ବିଭାଗ ଦ୍ୱାରା ଏହାକୁ ଗୁରୁତର ସହ ବିଚାରକୁ ନିଆଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି ।

## କାଲି ସକାଳ ୮ରୁ ଦିନ ୧ଟା ଯାଏଁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରହିବ ଧଉଳି

ଭୁବନେଶ୍ୱର,୨୭।୧୦(ପି.ଏନ): ଆସନ୍ତାକାଲି (ଶୁକ୍ରବାର) ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ସମାରୋହ ତଥା ପୂଜା ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଦେଶ ବିଦେଶରୁ ବହୁ ବୌଦ୍ଧ ଭିକ୍ଷୁ, ସାଧୁ ସନ୍ଥ ଏବଂ ଅନ୍ୟ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇ ଶାନ୍ତିସ୍ତୂପର ମୁଖ୍ୟ ଦର୍ଶନ ପୀଠ ସମ୍ମୁଖ ମଣ୍ଡପ ଠାରେ ଆୟୋଜିତ ପୂଜା ଉତ୍ସବରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ସକାଳ ୮ ଘଂଟା ସମୟରୁ ଦିନ ୧ଟା ପର୍ଯ୍ୟନ୍ତ ଧଉଳି ଶାନ୍ତିସ୍ତୂପପର୍ଯ୍ୟଟକ ତଥା ସର୍ବସାଧାରଣଙ୍କ ନିମନ୍ତେ ପରିଦର୍ଶନ ବନ୍ଦ ରହିବ।

## ଟାଟା ସମୂହ ବନାଇବେ ୪୦ ପରିବହନ ବିମାନ

ନୂଆଦିଲ୍ଲୀ, ୨୭।୧୦(ପି.ଏନ): ମେକ ଇନ୍ ଇଣ୍ଡିଆର ଏକ ଅଂଶ ଭାବରେ ଟାଟା ଗୋଷ୍ଠୀ ଭଦୋଦରାସ୍ଥିତ ବାୟୁସେନା ପାଇଁ ଫ୍ରାନସ ପରିବହନ ବିମାନ ସି-୨୯୫ ପ୍ରସ୍ତୁତ କରିବ । ପ୍ରଥମ ୧୬ ବିମାନ ସ୍ପେନରେ ଉତ୍ପାଦିତ ହେବ ଏବଂ ୟୁରୋପୀୟ କମ୍ପାନୀ ଏୟାରବସ୍ ଚାରି ବର୍ଷ ମଧ୍ୟରେ ଭାରତକୁ ଫ୍ଲାଇଙ୍ଗ ମୋଡ଼ରେ ପହଂଚାଇବ । ଅବଶିଷ୍ଟ ୪୦ ବିମାନ ଉତ୍ପାଦନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକ୍ଟୋବର ୩୦ରେ ଗୁଜୁରାଟର ଭଦୋଦରା ଠାରେ ଏକ ଉତ୍ପାଦନ କାରଖାନାର ମୂଳଦୂଆ ପକାଇବେ ।ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ରଙ୍କ ଅନୁଯାୟୀ ଟାଟା ଗ୍ରୁପ୍ ଭଦୋଦରାସ୍ଥିତ ବାୟୁସେନା ପାଇଁ ୪୦ଟି ଫ୍ରାନ୍ସ ପରିବହନ ବିମାନ ସି-୨୯୫ ଉତ୍ପାଦନ କରିବ । ସ୍ପେନର କମ୍ପାନୀ ଏୟାରବସ୍ ଡିଫେନ୍ସ ଏବଂ ସ୍ପେସ୍ ସହିତ ୫୬ ସି-୨୯୫ ପରିବହନ ସାମରିକ ବିମାନ କିଣିବା ପାଇଁ ଚୁକ୍ତିନାମା ଗତ ବର୍ଷ ୨୪ ସେପ୍ଟେମ୍ବରରେ ଚୂଡ଼ାନ୍ତ ହୋଇଥିଲା ।

## ଓଆରଏଚଡିସି ଦୁର୍ନୀତି ମାମାଲା : ଆଇଏଏସ୍ ବିନୋଦ କୁମାରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

ଭୁବନେଶ୍ୱର,୨୭।୧୦(ପି.ଏନ): ଓଡ଼ିଶା ରୁରାଲ ହାଉସିଂ ଡେଭେଲପମେଂଟ କର୍ପୋରେସନ (ଓଆରଏଚଡିସି) ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି । ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିନୋଦ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରଦାନ କରିଥିବା ଦଣ୍ଡାଦେଶକୁ ବିରୋଧ କରି ଦାୟର ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି । ତାଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିବ ସହିତ ନିମ୍ନ ଅଦାଲତଙ୍କ ଜରିମାନା ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତ୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଜଗତସିଂହପୁର ସାବରମତି ଅଳକାଶ୍ରମର ଆତ୍ମକଥା

**ହିମାଂଶୁଶେଖର ଆଚାର୍ଯ୍ୟ**

ମୁଁ ଅଳକାଶ୍ରମ କହୁଛି। ମୁଁ କାଳେ ଜାତିର ପିତା ମହାତ୍ମାଗାନ୍ଧିଙ୍କ ହାତଗଢା ଅନୁଷ୍ଠାନ



ସାବରମତି ବୋଲି ଜଗତସିଂହପୁରବାସୀ କୁହନ୍ତି। ସାରା ରାଜ୍ୟରେ ମଧ ମୋର ଭାରି ଖ୍ୟାତି କାହିଁରେ କଣ? ଇତିମଧ୍ୟରେ ମୋର ପ୍ରତିଷ୍ଠା ହେବାର ୧୦୦ ବର୍ଷ ପୂରଣ ହୋଇଛି। ଏହି ଶହେ ବର୍ଷ ଭିତରେ ମୋତେ କିଏ କେତେ ମନେପକାଇଛନ୍ତି ବା ନପକାଇଛନ୍ତି ତାର ହିସାବ ମୋ ପାଖରେ ନାହିଁ। ମୁଁ କାଳେ ମୁକ୍ତିସଂଗ୍ରାମର ମହାନ ପୀଠ ଥିଲି। ଅନେକ



ମୁକ୍ତିସଂଗ୍ରାମୀ ଏଠି ବସାଭଡା କରୁଥିଲେ। ସ୍ୱାଧୀନତା ସଂଗ୍ରାମ ପାଇଁ ଖସଡା ପ୍ରସ୍ତୁତ କରୁଥିଲେ। ସେତେବେଳେ ମୋ ପରିସର ଭାରି ଚଳଚଞ୍ଚଳ ଥିଲା। ୧୯୨୨ ମସିହା ଶ୍ରୀପଞ୍ଚମୀରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କରକମଳରେ ଜଗତସିଂହପୁର ସ୍ଥିତ ଅଳକା ନଦୀ କୂଳରେ ମୋର ଉଦଘାଟନ ହୋଇଥିଲା। ତା' ପରଠୁ ଏହି ଆଶ୍ରମ ଅନେକ ଶୀର୍ଷ ନେତୃତ୍ୱଙ୍କ କର୍ମଭୂମି ଥିଲା। ଅଳକା ଆଶ୍ରମ ଶତବାର୍ଷିକୀ ଆୟୋଜନ କମିଟି ଦ୍ୱାରା ମୋର ଶତବାର୍ଷିକୀ ସମାରୋହ ବର୍ଷବ୍ୟାପୀ ପାଳନ କରିବା ପାଇଁ ସ୍ଥିର ହୋଇଛି। ଏହା ଖୁସିର କଥା। କିନ୍ତୁ ମୋର ସ୍ଥିତି ଏବେବି ବିବଦମାନ ହୋଇ ରହିଛି। ସେଥିପାଇଁ ମୋ ଦୁଃଖ। ଆୟୋଜକମାନଙ୍କ ମଧ୍ୟରେ ମଧ ତାଳମେଳର ଅଭାବ। ଯାହା ପ୍ରକୃତ ଉଦ୍ଦେଶ୍ୟ ସାଧନ ହେବାରେ ବାଧକ ହୋଇଛି। ତଥାପି "ନାହିଁ ମାମୁଁଠାରୁ କଣାମାମୁଁ ଭଲ" ନ୍ୟାୟରେ ଏପରି ଆୟୋଜନ ମୋତେ ଟିକେ ଆଶ୍ୱସ୍ତ କରିଛି।

ମୁକ୍ତିସଂଗ୍ରାମର ଅନ୍ତୁଡିଶାଳ ଥିଲି ମୁଁ। ଗୁଜରାଟର ସାବରମତୀ ଆଶ୍ରମ ପରି ମୋର ଭୂମିକା ମଧ କୌଣସି ଗୁଣରେ କମ୍ ନଥିଲା। ଏହାହିଁ ମୋର ଆତ୍ମତୃପ୍ତି। ହେଲେ ସେତେବେଳର ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ନିଜର ତ୍ୟାଗ, ତିତିକ୍ଷା ଓ ସେବା ବଳରେ ଦେଶକୁ କେବଳ ସ୍ୱାଧୀନତାର ସ୍ୱାଦ ଚଖାଇ ନଥିଲେ ବରଂ ସେମାନେ ଉତ୍ତରପିଢି ପାଇଁ ଯେଉଁ ଆଦର୍ଶର ଛାପ ଛାଡିଯାଇଛନ୍ତି ତାହା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ଆଜିର ଉତ୍ତରପିଢି ସେମାନଙ୍କ କଥା ଓ ଗାଥାକୁ କେତେ ହୃଦୟଙ୍ଗମ କରିଛନ୍ତି ବା ସେହିଭଳି ହେବାକୁ ଉଦ୍ୟମ କରୁଛନ୍ତି ତାର ଉତ୍ତର ମୋ ପାଖରେ ନାହିଁ। ସେମାନଙ୍କର ବାୟାଦ ହିସାବରେ ଆମେ ତାଙ୍କ ସ୍ମୃତିକୁ ସାଇତି ରଖିବା, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଓ ଭବିଷ୍ୟତ ପିଢିକୁ ସେହି ବାଟରେ ଆଗେଇ ନେବା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବାର ସମୟ ଆସିଛି। କୃତଘ୍ନ ପରି ସେମାନଙ୍କ ଆଦର୍ଶର ମୃତ୍ୟୁ ନଥାଏ। କାରଣ ସ୍ମୃତି ସବୁବେଳେ ଅପାଶୋରା।



ପୁଣି ଟିକେ ପଛକୁ ଫେରୁଛି। ୧୯୨୧ ମସିହାର କଥା, ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଡାକରା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା। ଓଡ଼ିଶାରେ ମଧ ଏହି ଆନ୍ଦୋଳନ ଜୋର ଧରିଥାଏ। ଏହି ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେଉଁ ସ୍କୁଲ କଲେଜ ଛାତ୍ରମାନେ ଅଧାରୁ ପାଠ ଛାଡିଦେଇ ସ୍ୱାଧୀନତା ସଂଗ୍ରାମୀ ହୋଇଥିଲେ ସେମାନଙ୍କୁ ତାଲିମ ଦେବାପାଇଁ ବିଭିନ୍ନ ସ୍ଥାନରେ ଆଶ୍ରମ ଓ ଜାତୀୟ ବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା। ସେଥିମଧ୍ୟରୁ 'ଅଳକାଶ୍ରମ' ଥିଲା ଅନ୍ୟତମ। ଜଗତସିଂହପୁରଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ମୃତ ଅଳକା ନଈର ଉତ୍ତରପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରସନ୍ନ ଓ ବିଷ୍ଣୁ ସାହୁଙ୍କ ସହଯୋଗରେ ଆରମ୍ଭ ହୋଇଥିଲା। ଏଥିପାଇଁ ଜମି ଦାନ କରିଥିଲେ ଗଡ଼ା ଗ୍ରାମର ଭାଗିରଥୀ ମହାପାତ୍ର ଓ ବଂଶୀଧର



ପଟ୍ଟନାୟକ। ଡେପୁଟି କଲେକ୍ଟର ଚାକିରି ଛାଡିଥିବା ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ।

ଏଇଠି ପୁଣି ମନକୁ ଆସୁଛି ଜଗତସିଂହପୁରର ଚୌଧୁରୀ ପରିବାରର କଥା। ଚୌଧୁରୀ ପରିବାରର ବଡପୁଅ ଗୋପବନ୍ଧୁ ଚୌଧୁରୀ। ଏକାଧାରରେ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଧୀନଚେତା ମଣିଷ, ଧୂଳିମାଟିର ସନ୍ଥ, ଖଟିଖିଆ ମେହନତି ମଣିଷର ସୁଖଦୁଃଖର ବନ୍ଧୁ ଓ ସର୍ବୋପରି ଗାନ୍ଧିବାଦୀ ନେତା। ବାଲ୍ୟକାଳରୁ ବାପା ଗୋକୁଳାନନ୍ଦ ଚୌଧୁରୀ ଓ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଜୀବନାଦର୍ଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସୌଭାଗ୍ୟକୁ ସେ ଏମିତି ଏକ ପରିବାରରେ ଜନ୍ମ ନେଇଥିଲେ ଯେଉଁଠି ପ୍ରବାହିତ ହେଉଥିଲା ସ୍ୱାଧୀନତା ସଂଗ୍ରାମର ଆବହାଓ୍ୱା। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପରିବାରରୁ ନିଜର ସହଧର୍ମିଣୀ ରମାଦେବୀ, ସାନଭାଇ ନବକୃଷ୍ଣ ଚୌଧୁରୀ, ଭାଇବୋହୂ ମାଳତୀ ଚୌଧୁରୀ, ପୁଅ ମନମୋହନ ଚୌଧୁରୀ, ଝିଅ ଅନ୍ନପୂର୍ଣ୍ଣା ମହାରଣା ଓ ପରେ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ଏହି ମୁକ୍ତି ସଂଗ୍ରାମରେ ସାମିଲ ହୋଇ ଇତିହାସ ରଚିଥିଲେ। ବିଶେଷକରି ତ୍ୟାଗ ଓ ସେବା କ୍ଷେତ୍ରରେ ସେ ଯେଉଁ ଉଚ୍ଚ ପରମ୍ପରା ସୃଷ୍ଟି କରିଯାଇଛନ୍ତି, ତାହା ଏବେବି ଅନତିକ୍ରମ୍ୟ ହୋଇ ରହିଅଛି। ସେହିପରି ପଣ୍ଡିତ ସଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀ, ଉଦୟନାଥ ଷଡଙ୍ଗୀ, ଜାତୀୟକବି ବୀରକିଶୋର ଓ ଆହୁରି ଅନେକ ସଚ୍ଚା ସଂଗ୍ରାମୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ମୋ ସହିତ ଜଡିତ ଥିଲେ। ସେମାନଙ୍କୁ ମଧ ଅଣଦେଖା କରିହେବନାହିଁ। ବର୍ତ୍ତମାନ ମୋ ପୂର୍ବସ୍ଥିତି ନାହିଁ। ମୋ ପ୍ରକୃତ ସ୍ଥିତିକୁ ନେଇ ଏବେବି ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ବିଭିନ୍ନ ବର୍ଗରୁ ବିଭିନ୍ନ ତର୍କ ବିତର୍କ ଉଠୁଛି। ଏବେ ପୁଣି ମୁଁ ପହଞ୍ଚିଛି ବଡବଜାର ସରସ୍ୱତୀ ଶିଶୁ ମନ୍ଦିର ପାଖରେ। ସେଠି ଠିଆ ହୋଇଛି ଅଳକା ସ୍ୱାଧୀନତା ସଂଗ୍ରାମୀ ଭବନ। ଜିଲ୍ଲା ପ୍ରଶାସନ ସହାୟତାରେ ମୁଣ୍ଡ ଟେକିଛି ଏହି ଭବନ। ହେଲେ ମୋର ସ୍ଥିତାବସ୍ଥା କ'ଣ ତାହା ସରକାରୀ କାଗଜପତ୍ରରେ। ସେହି ଭବନକୁ ଦେଖି ଅନେକ ମୋ କଥାକୁ ମନେପକାଉଛନ୍ତି।




ମୋ ଜାଣିବାରେ ସେତେବେଳର ଗାନ୍ଧିବାଦୀ ମଣିଷମାନଙ୍କର କୌଣସି ଉପାଧି ବା ସମ୍ମାନ ପ୍ରତି କୌଣସି ଆସକ୍ତି ନଥିଲା। ସେବା ଓ ତ୍ୟାଗ ତାଙ୍କର ପୁଞ୍ଜି ଥିଲା। ସେଥିପାଇଁ ତ ଆଜୀବନ ସେବିକା ରମାଦେବୀଙ୍କୁ ଅଳକାଶ୍ରମ ଅନ୍ତେବାସୀମାନେ ମାଆ ବୋଲି ସମ୍ବୋଧନ କରୁଥିଲେ। ସେମାନଙ୍କର ଖାଇବା ପିଇବା, ଭଲମନ୍ଦ ବୁଝିବାରେ କୌଣସି ଅବହେଳା କରୁନଥିଲେ ରମାଦେବୀ। ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ଜମିଦାର ଘରେ ଜନ୍ମ ନେଇଥିଲେ ବି ଖଟିଖିଆ ମୂଲିଆ ଲୋକଙ୍କ ଭଳି ଚଳୁଥିଲେ। ସେହିପରି ସଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀ, ଭାଗୀରଥୀ ମହାପାତ୍ର, ବଂଶୀଧର ପଟ୍ଟନାୟକ, ସରଳା ଦେବୀ, ନାରାୟଣ ବୀରବର ସାମନ୍ତ, ଗୌରାଙ୍ଗ ଚରଣ ଦାସ, ଉଦୟନାଥ ଷଡଙ୍ଗୀ, ରତ୍ନମାଳୀ ଜେମା, ହରେକୃଷ୍ଣ ବିଶ୍ୱାଳ ଓ ଅନ୍ୟମାନେ ତ୍ୟାଗ ଓ ସେବାର ଗୋଟିଏ ଗୋଟିଏ ବଳିଷ୍ଠ ଉଦାହରଣ ଥିଲେ। ଆଜି କିନ୍ତୁ ବସ୍ତୁବାଦୀ ଦୁନିଆରେ ଭୋଗୀ ମଣିଷଙ୍କ ସଂଖ୍ୟା ବଢିଚାଲିଥିବା ବେଳେ ତ୍ୟାଗୀ ମଣିଷଙ୍କ ସଂଖ୍ୟା କମିବାରେ ଲାଗିଛି। ଏତିକି ମୋର ଦୁଃଖ।

ମୁଁ ଚାହେଁ ଆମ କଷ୍ଟଲବ୍ଧ ସ୍ୱାଧୀନତାକୁ ଆମେ କିପରି ବଜାୟ ରଖିବା ତାହା ସମସ୍ତଙ୍କର ଧ୍ୟେୟ ହେଉ। ଦେଶ ରହିଲେ ଆମେ ରହିବା- ଏହି କଥାଟି ଭୁଲିଗଲେ ଚଳିବ ନାହିଁ। ପୁଣିଥରେ ଆଶା ରଖୁଛି ମୋର ପ୍ରକୃତ ସ୍ଥିତି କେଉଁଠି ଥିଲା ଏବେ କେମିତି ଅଛି ତାର ତର୍ଜମା ହେଉ, ତା' ଉପରେ ଅଧିକରୁ ଅଧିକ ଗବେଷଣା ହେଉ। ଏଠି ପ୍ରଶ୍ନ ହାରିବାର ବା ଜିତିବାର ନୁହେଁ। ପ୍ରକୃତ ସତ୍ୟ ଲୋକଲୋଚନକୁ ଆସୁ। ଏହାହିଁ ମୋର ଇଚ୍ଛା। ସବୁବେଳେ ଗୋଟିଏ କଥା ସମସ୍ତଙ୍କର ମନେରଖିବା ଉଚିତ୍ ଯେ, ଆମ ଜଗତସିଂହପୁରରେ ହିଁ ଅଳକାଶ୍ରମ ଭଳି ସଂଗ୍ରାମୀ ପୀଠ ଗଢିଉଠିଥିଲା ଓ ପୁଣ୍ୟାତ୍ମା ଗୋପବନ୍ଧୁ ହିଁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଆମର ସୌଭାଗ୍ୟ। ପରିଶେଷରେ ଏତିକି କହିବି ଯେ, ଆମେ ସମସ୍ତେ ଜଗତସିଂହପୁରିଆ, ଏହା ଆମର ପରିଚୟ ହେଉ।

***—ଜଗତସିଂହପୁର, ମୋ- ୯୯୩୭୧୫୧୦୫୨***

# —ଅଶାନ୍ତ କାଶ୍ମୀର—



ଜାମ୍ମୁ-କାଶ୍ମୀରର ରାଜ୍ୟ ମାନ୍ୟତା ରଦ୍ଦ କରି କେନ୍ଦ୍ରଶାସିତ ଅଂଚଳର ମାନ୍ୟତା ଦେଇ କେନ୍ଦ୍ର ସରକାର ଶାସନ ଦାୟିତ୍ୱ ନେବା ପରେ ଏବେ ସେଠାରେ କାଶ୍ମୀର ପଣ୍ଡିତ, ଶ୍ରମିକ ଏବଂ କୃଷକ ଓ ସରକାରୀ ଅଫିସରଙ୍କୁ ଯେପରି ଟାର୍ଗେଟ କରି ହତ୍ୟା କରାଯାଉଛି, ଏଥିରେ ଉପତ୍ୟକା ପୁଣି ଥରେ ଅଶାନ୍ତ ହୋଇନାହିଁ। ନବେ ଦଶକରେ ଉପତ୍ୟକାର ଭୟଙ୍କର ସ୍ଥିତିକୁ ସ୍ମରଣ କରାଇଦେଉଛି ବୋଲି ନିଃସନ୍ଦେହରେ କୁହାଯାଇପାରିବ। ଆତଙ୍କବାଦୀଙ୍କୁ ଦୃଢହସ୍ତରେ ଦମନ କରାଯିବ ଏବଂ ଆତଙ୍କୀ ସଂଗଠନଗୁଡିକୁ ସମୂଳେ ବିନାଶ କରାଯିବ ବୋଲି କେନ୍ଦ୍ର ସରକାର ଯେତେ ଦୃଢୋକ୍ତି ପ୍ରକାଶ କରୁଥିଲେ ମଧ ଉପତ୍ୟକାରେ ଆତଙ୍କବାଦୀ ସେତିକି ସେତିକି ଆତଙ୍କ ଚଳାଇ ଚାଲିଛନ୍ତି। ନିକଟରେ ସୋପିଆନ ଜିଲ୍ଲାର ଚୌଧୁରୀ କୁଣ୍ଡ ଅଂଚଳରେ ଜଣେ କାଶ୍ମୀର ପଣ୍ଡିତଙ୍କୁ ଆତଙ୍କବାଦୀ ଗୁଳି କରି ହତ୍ୟା କରିଛନ୍ତି। ସେନା ଶିବିରଠାରୁ ମାତ୍ର କିଛି ଶହ ମିଟର ଦୂରରେ ଏହି ହତ୍ୟାକାଣ୍ଡ ଘଟିଛି। ଗତ ୨୦୨୦ରୁ ବର୍ତମାନ ସୁଦ୍ଧା ୭ଜଣ କାଶ୍ମୀର ପଣ୍ଡିତଙ୍କୁ ଆତଙ୍କବାଦୀ ହତ୍ୟା କରିସାରିଲେଣି। ଏହି ହତ୍ୟା ଘଟଣା ସେମାନଙ୍କ ପୁରୁଣା କ୍ଷତିକୁ ମନେପକାଇ ଦେଇଛି। ଅତୀତରେ ବ୍ୟାପକ ଆତଙ୍କୀ ହିଂସା ଯୋଗୁଁ ବହୁଲୋକ ତଥା କାଶ୍ମୀର ପଣ୍ଡିତମାନେ ଉପତ୍ୟକା ଛାଡି ଚାଲିଯାଇଥିଲେ। ଏବେ ପୁଣି ଥରେ ସେହିଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସେମାନେ କାଶ୍ମୀର ଛାଡି ଚାଲିଯିବାକୁ ପ୍ରସ୍ତୁତ ହେଉଛନ୍ତି। ସୁରକ୍ଷିତ ସ୍ଥାନରେ ସେମାନଙ୍କୁ ଥଇଥାନ କରିବାକୁ ପୁଣି ଦାବି କଲେଣି। କିନ୍ତୁ ଏଥିଲାଗି ସରକାରୀ ଅନୁମତି ସେମାନଙ୍କୁ ମିଳୁନାହିଁ। ଏହା ସତ୍ୟ ଯେ, କାଶ୍ମୀର ପଣ୍ଡିତମାନଙ୍କୁ ଉପତ୍ୟକାରେ ପୁନର୍ବାସ ଉଦ୍ଦେଶ୍ୟରେ ଚାକିରୀ ଦିଆଯିବା ସହ



ବାସଗୃହ ମଧ ଯୋଗାଇ ଦିଆଯାଇଥିଲା। ମାତ୍ର ସେମାନଙ୍କୁ ଯେଉଁଭଳି ସୁରକ୍ଷା ଯୋଗାଇ ଦିଆଯିବା ପାଇଁ କୁହାଯାଇଥିଲା, ସେଭଳି ସୁରକ୍ଷା ଦିଆଯାଇ ନ ଥିବା ମନେହୁଏ। ଯେଉଁଥିପାଇଁ କି ପୁଣି ଥରେ ଜୀବନରକ୍ଷା ପାଇଁ ସେମାନେ ଉପତ୍ୟକା ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିରୁ ଆଇନ-ଶୃଙ୍ଖଳା ଯେ ଦୃଢ ନୁହେଁ, ଏହା ନିଃସନ୍ଦେହରେ ସ୍ୱୀକାର କରାଯାଇପାରେ। ଏହା ସତ୍ୟ ଯେ, ଯେତେବେଳେ ଯେଉଁ କେନ୍ଦ୍ରୀୟ ନେତା କାଶ୍ମୀର ଗସ୍ତ କରିଥାନ୍ତି, ସେତେବେଳେ ଆତଙ୍କବାଦୀ ସଂଗଠନଗୁଡିକୁ ସମୂଳେ ବିନାଶ କରାଯିବ ବୋଲି ଦୃଢୋକ୍ତ ପ୍ରକାଶ କରିଥାନ୍ତି। କେନ୍ଦ୍ରୀୟ ନେତାମାନଙ୍କ ବାହାନା ହୁଏତ ସୁରକ୍ଷା କର୍ମୀମାନଙ୍କ ଉପରେ ପ୍ରଭାବ ପକାଇ ସେମାନଙ୍କ ମନୋବଳ ବଢାଇ ଥାଇପାରେ, କିନ୍ତୁ ଆତଙ୍କୀ ସଂଗଠନଗୁଡିକ ଉପରେ ଏହାର କୌଣସି ପ୍ରଭାବ ପଡୁନଥିବା ଦୈନନ୍ଦିନ ହିଂସାକାଣ୍ଡରୁ ସ୍ପଷ୍ଟ ଅନୁମାନ କରାଯାଇପାରେ। ଆହୁରି ମଧ ଦୈନିକ ଦୁଇ ତିନି ଆତଙ୍କବାଦୀ ସେନା ବା ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହେଉଥିବା ନେଇ ସରକାର ଦାବି କରୁଥିବା ବେଳେ ଆତଙ୍କବାଦୀଙ୍କ ସଂଖ୍ୟା ଥମିବାର ନାଁ ଧରୁନାହିଁ। ଏବେ ଉପତ୍ୟକାରେ ଆତଙ୍କବାଦୀଙ୍କ ଆକ୍ରମଣ ଓ ହତ୍ୟା ଯେଭଳି ବଢିବାରେ ଲାଗିଛି, ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ଏବଂ ରାଜ୍ୟ ପାହ୍ୟା ମାନ୍ୟତା ରଦ୍ଦ, କେନ୍ଦ୍ର ସରକାରଙ୍କ ଏକ ଭୁଲ ନିଷ୍ପତି ଥିଲା ବୋଲି ପ୍ରତୀୟମାନ ହେଉଛି। କହିବା ବାହୁଲ୍ୟ ଯେ, ୩୭୦ ଧାରା ଉଚ୍ଛେଦ ପରେ ଉପତ୍ୟକାରେ ଦୀର୍ଘଦିନ ଧରି ବ୍ୟାପକ କେନ୍ଦ୍ରୀୟ ବାହିନୀକୁ ନିୟୁକ୍ତ କରାଯିବା ସହ ଦୀର୍ଘ ଦେଢ ବର୍ଷ ଧରି ସାନ୍ଧ୍ୟ ଆଇନ ବଳବତର ରହିବା ସହ ଇଂଟରନେଟ ସେବାକୁ ମଧ ବନ୍ଦ କରାଯାଇଥିଲା। ସେତେବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଆତଙ୍କବାଦୀଙ୍କ ଅଂଟା ଭାଙ୍ଗିଯାଇଛି। ମାତ୍ର ସାନ୍ଧ୍ୟ ଆଇନ ପ୍ରତ୍ୟାହୃତ ହେବାପରେ ଆକ୍ରମଣ ଓ ହତ୍ୟା ଯେପରି ବଢିଚାଲିଛି, ସରକାରଙ୍କ ଦାବି ଅଯଥାର୍ଥ ପ୍ରମାଣିତ ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବନାହିଁ। ଅନ୍ୟପକ୍ଷରେ କେନ୍ଦ୍ରଶାସିତ ଅଂଚଳରେ ବିଧାନସଭା ନିର୍ବାଚନ ଲାଗି ସରକାର ଏବେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆସନ୍ତା ବର୍ଷ ପ୍ରାରମ୍ଭରେ ନିର୍ବାଚନ ହେବା ସମ୍ଭାବନା ଉଜ୍ଜ୍ୱଳ ରହିଛି। ତେବେ ଏବେ ଯେପରି ହିଂସାକାଣ୍ଡ ବଢିଚାଲିଛି, ସମ୍ଭାବ୍ୟ ବିଧାନସଭା ନିର୍ବାଚନ ପାଇଁ ଯେ ବଡ ଆହ୍ୱାନ, ଏହା ନିଃସନ୍ଦେହରେ କୁହାଯାଇପାରେ। କେବଳ ଏତିକି ନୁହେଁ, କେନ୍ଦ୍ରଶାସିତ ଅଂଚଳରେ ଧାର୍ମିକ ଧ୍ରୁବିକରଣ ଏବଂ ମୌଳବାଦୀଙ୍କ ସଂଖ୍ୟା ବୃଦ୍ଧି ଆଉ ଏକ ଚିନ୍ତାର କାରଣ। ନିର୍ବାଚନ ପୂର୍ବରୁ ଏହାର ଦମନ ଜରୁରୀ। ତେବେ ପ୍ରତିକାରାତ୍ମକ ପଦକ୍ଷେପ ସହ କେନ୍ଦ୍ର ସରକାର ତୁରନ୍ତ ବିଧାନସଭା ନିର୍ବାଚନ କରାଇ ରାଜ୍ୟବାସୀଙ୍କୁ କ୍ଷମତା ହସ୍ତାନ୍ତର କରିବା ଆବଶ୍ୟକ।

**—ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯**

# ମଂଚେଶ୍ୱର ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର (ପିଏନ୍)- ମଂଚେଶ୍ୱର ଥାନା ଅଧିକାରୀ ସୁଧୀର ସାହୁଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ, ପକ୍ଷପାତିତା ଏବଂ ଅନୈତିକ କାର୍ଯ୍ୟ ବିରୁଦ୍ଧରେ ଛାତ୍ର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଡି.ସି.ପି.ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ୟାସୀର ନୱାଜଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଆୟୋଜିତ ହୋଇଥିଲା। ଛାତ୍ର କଂଗ୍ରେସର କର୍ମକର୍ତାମାନେ ଏକ ର୍‍ୟାଲିରେ ଆସି ଡି.ସି.ପି.ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟରାସ୍ତାକୁ ୧ ଘଂଟା ଧରି ଅବରୋଧ କରିଥିଲେ। ୟାସୀରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀମାନେ ଡି.ସି.ପି. ଅଫିସ ଭିତରକୁ ଧସେଇ ପଶିଲାବେଳେ ଉପସ୍ଥିତ ପୋଲିସଙ୍କ ସହ ଧସ୍ତାଧସ୍ତି ହେଲା। ପ୍ରାୟ ଅଧଘଂଟା କାଳ ଧସ୍ତାଧସ୍ତି ପରେ ପୋଲିସ ଦାବୀପତ୍ର ଦେବାପାଇଁ ଏକ ପ୍ରତିନିଧି ଦଳ ଡି.ସି.ପି.ଙ୍କ କାର୍ଯ୍ୟାଳୟ ଯିବାକୁ ରାଜି ହୋଇଥିଲା। ଛାତ୍ର କଂଗ୍ରେସର ପ୍ରତିନିଧି ଦଳ ଡି.ସି.ପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଡି.ସି.ପି. ଶ୍ରୀ ପି.କେ ରାଉତଙ୍କୁ ଦାବିପତ୍ର ଦେବା ସହ ମଂଚେଶ୍ୱର ଥାନା ଅଧିକାରୀ ସୁଧୀର ସାହୁଙ୍କ ଅନୈତିକ କାର୍ଯ୍ୟ ବିରୁଦ୍ଧରେ ଅଭିଯୋଗ କରିଥିଲେ।




ସ୍ମାରକ ପତ୍ରରେ ଉଲ୍ଲେଖ ହୋଇଥିଲା ଯେ ମଂଚେଶ୍ୱର ଥାନା ଅଧିକାରୀ ସାଧାରଣ ଜନତା ଓ ପୋଲିସର ସଂପର୍କକୁ ନଷ୍ଟ କରୁଛନ୍ତି। ଯାହାଫଳରେ ସାଧାରଣ ଜନତାଙ୍କର ପୋଲିସ ଉପରୁ ଭରସା ତୁଟିଯିବ। ମଂଚେଶ୍ୱର ଥାନା ଅଧିକାରୀ ପ୍ରଦେଶ ଛାତ୍ର କଂଗ୍ରେସର ରାଜ୍ୟସ୍ତରୀୟ ସଂପାଦକ ଶ୍ରୀ ସଫଳ ସମନ୍ୱୟଙ୍କ ବିରୁଦ୍ଧରେ ମିଥ୍ୟା କେସ ଲଗାଇ ତାଙ୍କୁ ଗିରଫ କରିଛନ୍ତି। ଗତ ୧୮ ତାରିଖ ଅକ୍ଟୋବରରେ ମଂଚେଶ୍ୱର ଥାନା ଅଂଚଳରେ ଏକ ଅପରାଧିକ ଘଟଣାରେ ପୋଲିସ ତାଙ୍କୁ ଗିରଫ କରିଥିଲେ। ମାତ୍ର ଏହି ଘଟଣା ସହିତ କୌଣସି ସଂପର୍କ ନଥିବା ସଫଳ ସମନ୍ୱୟଙ୍କୁ ଅନ୍ୟାୟଭାବେ ଥାନାକୁ ଆଣି ମାଡ଼ ମାରିବା ସହ ଜେଲ ପଠେଇ ଦିଆଯାଇଛି। ଏହି ଅପରାଧିକ ଘଟଣାରେ ହଣାଖାଇଥିବା ଜଣେ ଦୋକାନୀ ଜେଲଦଣ୍ଡ ଭୋଗୁଥିବା ବେଳେ ହାଣିଥିବା ଲୋକ ଦିବାଲୋକରେ ବୁଲୁଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରୁନି। ସଫଳ ସମନ୍ୱୟ ଏକ ଦଳିତ ବର୍ଗର ପିଲା। ତାଙ୍କର ଗୁହାରୀକୁ ଥାନା ଅଧିକାରୀ ଶ୍ରୀ ସୁଧୀର ସାହୁ ଶୁଣିନଥିଲେ।

ଶ୍ରୀ ସୁଧୀର ସାହୁ ମଂଚେଶ୍ୱର ଥାନା ଅଂଚଳରେ ଅପରାଧ କମେଇବା ବଦଳରେ ବଢ଼େଇ ଚାଲିଛନ୍ତି ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ଏଠାରେ ଅସାଧୁ ବ୍ୟବସାୟୀ, ନିଶା ବ୍ୟବସାୟୀ, ବେଆଇନ ମଦ କାରବାର କରୁଥିବା ଲୋକ, ଅସାଧୁ ବିଲଡର, ଅପରାଧୀ ଏପରିକି ବେଶ୍ୟାଳୟ ଚଳାଉଥିବା ବ୍ୟକ୍ତିଠାରୁ ଶ୍ରୀ ସୁଧିର ସାହୁ ଚାନ୍ଦା ନେଇ ସେଠାରେ ଅପରାଧର ସାମ୍ରାଜ୍ୟ ଖୋଲିଛନ୍ତି। ଯେଉଁମାନେ ଏ ଅନ୍ୟାୟ ବିରୁଦ୍ଧରେ ମୁହଁ ଖୋଲୁଛନ୍ତି ତାଙ୍କୁ ଜେଲରେ ଭର୍ତି କରିଦିଆଯାଉଛି।

ଅତିରିକ୍ତ ଡିସିପି ଶ୍ରୀ ରାଉତ ଘଟଣାରେ ଅନୁଧ୍ୟାନ କରିବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଡିସିପିଙ୍କ ଅନୁମୋଦନ କ୍ରମେ ଜଣେ ଅତିରିକ୍ତ ଡିସିପି ର୍‍ୟାଙ୍କର ଅଫିସରଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ମଂଚେଶ୍ୱର ଥାନା ଅଧିକାରୀଙ୍କ ତୁରନ୍ତ ନିଲମ୍ବନ, ଅପରାଧିଙ୍କୁ ଗିରଫ ଏବଂ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯିବା ସହ ଛାତ୍ର କଂଗ୍ରେସ ସଂପାଦକ ସଫଳ ସମନ୍ୱୟଙ୍କ ବିରୋଧରେ ଲାଗିଥିବା ଦଫାକୁ ପ୍ରତ୍ୟାହାର କରାଯାଇ ତାଙ୍କୁ ଜେଲରୁ ମୁକ୍ତ କରାଯିବାକୁ ଦାବୀ ହୋଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସଂପାଦକ ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ରଣଜିତ ପାତ୍ର, ତୁଷାରକାନ୍ତ ତପସ୍ୱୀ, ସୂରଜ ରାଉତ, ନିହାର ବେହେରା, ମୁନୁ ପରିଡ଼ା, ମହମ୍ମଦ ଗୁଲଫାମ, ବିଶ୍ୱଭୂଷଣ ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର, ଅରମାନ ଜେନା, ସାଗର ପଟ୍ଟନାୟକ, ସମିଉଲ ହକ, ରିଆଜୁଲ ଇସ୍‌ଲାମ, ସୟଦ୍ ଅଜୁ, ସୟଦ ଆଜମ ଅଲ୍ଲି, ସୌମ୍ୟବ୍ରତ ଷଣ୍ଢ, ଉଦିତ ପ୍ରଧାନ, ରୋନକ ପଟ୍ଟନାୟକ, ନିତେଶ ବେହେରା, ରାଜଲକ୍ଷ୍ମୀ ସାହୁ, ସ୍ନେହା ଜେନା, ଅନନ୍ତ ସାମନ୍ତରାୟ, ସୌମ୍ୟ ବରାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଜେଡ଼ିରେ ମିଶିଲେ ଶତାଧିକ କର୍ମୀ

ଫୁଲନଖରା (ପିଏନ୍)-ସିଏମସି ଅନ୍ତର୍ଗତ ୬ଟି ଓ୍ୱାର୍ଡ଼ର ଶତାଧିକ ବିଜେପି କର୍ମୀ ବିଜେଡ଼ି ଦଳରେ ସାମିଲ ହୋଇଛନ୍ତି। ଏଥିନେଇ ବାଲିକୁଦା କ୍ରିଏଟିଭ କନଭେନସନ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ନଗର ବିଜେଡ଼ି ସଭାପତି ମଧୁସୂଦନ ସାହୁ, ଜୀବନବିନ୍ଦୁ ଜିଲା ସଂଯୋଜକ ରଂଜନ ବିଶ୍ୱାଳ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ଓ୍ୱାର୍ଡ଼ ସଭାପତି ବିକ୍ରମ ଶତପଥି, ରଂଜନ ପାଲ, ମନୋରଂଜନ ମହାପାତ୍ର, ସଂଜୟକୁମାର ବରାଳ ପ୍ରମୁଖ ମଞ୍ଚାସୀନ ରହି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ଉନ୍ନତି ପଥରେ ଅଗ୍ରସର ହେଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ ରାଉତ, ଦିଲୀପ ସ୍ୱାଇଁ, ନଳିନୀ ସେନାପତି, ସୁଭାସିନୀ ସେଠୀ, ବିପ୍ରଚରଣ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ କର୍ପୋରେଟର ତଥା ମହିଳା ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦିକା ରାଜକୁମାରୀ ସ୍ୱାଇଁଙ୍କ ନେତୃତ୍ୱରେ ୫୦, ୫୧, ୫୬, ୫୭, ୫୮ ଓ ୫୯ ନମ୍ବର ଓ୍ୱାର୍ଡ଼ର ଶତାଧିକ ବିଜେପି କର୍ମୀ ବିଜେଡ଼ି ଦଳରେ ଯୋଗ ଦେଇଥିଲେ। କଟକ ସଦର ବ୍ଲକ ବିଜେଡ଼ି ସଭାପତି ପ୍ରମୋଦ ମହାପାତ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# କବି ରାଜକିଶୋର ପାଢୀଙ୍କ ଜୟନ୍ତୀ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ବିଶିଷ୍ଟ କବି ଡ. ରାଜ କିଶୋର ପାଢୀଙ୍କ ୮୧ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କବିତା ପାଠ 'କବିତାରେ କବିତାରେ ରାଜ କିଶୋର' ଉତ୍ସବକୁ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କବି ଡ. ତୁହାନାଂଶୁ ରଥ ଓ ବ୍ରହ୍ମବରଦା କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢୀ ଯୋଗଦେଇ କବି ସବୁବେଳେ ଆସକ୍ତି ତପସ୍ୱୀଟିଏ, କବିତା ହୃଦୟର ଅନ୍ତରଙ୍ଗ ଆଳାପ ବୋଲି ମତବ୍ୟକ୍ତ କରି ଡ. ପାଢୀଙ୍କ କବିତା ସଙ୍କଳନ ସମ୍ପର୍କରେ ଆଲୋଚନା କରିବା ସହ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। କବୟିତ୍ରୀ ପଦ୍ମଜା ଶରଣ ଓ ପ୍ରେମଲତା ମହାରଣାଙ୍କ ସଂଯୋଜନାରେ ଡ. ପାଢୀଙ୍କ ରଚିତ କବିତା ପୁସ୍ତକକୁ ଅର୍ଜୁନ ପୃଷ୍ଟି, ବିଜୟ କୁମାର ନାୟକ, ଅଖିଳ କୁମାର ସ୍ୱାଇଁ, ମିନତୀ ସାହୁ, କାହ୍ନୁ ଚରଣ ଦାଶ, ପ୍ରଶାନ୍ତ କୁମାର ସାହୁ, ବ୍ରଜବନ୍ଧୁ ଶତପଥୀ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରହ୍ଲାଦ ପଣ୍ଡା, ଯୁଧିଷ୍ଠିର ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ଗୋଲକ ପଲେଇ, ସୁବ୍ରତ ଦାସ, ଗଣେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପଟ୍ଟନାୟକ କବିତାପାଠ କରିଥିଲେ। ଏହି ଉତ୍ସବରେ କବି ପତ୍ନୀ ପ୍ରେମଲତା ପାଢୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଶେଷରେ ଗୀତାଂଜଳୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ବ୍ରହ୍ମଣୀ ନଦୀର ନୂଆହାଟ ଘାଟରୁ ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ପୁଲିସ ଗିରଫ କରିବା ସହ ଡ୍ରାଇଭରକୁ ଗିରଫ କରିଛି। ସୂଚନା ମୁତାବକ ଏହି ଥାନା କୃଷ୍ଣପୁର ଗ୍ରାମର ଶରତ ଚନ୍ଦ୍ର ପ୍ରଧାନ ନିଜ ଟ୍ରାକ୍ଟର ନଂ ଓଡି-୦୪-ଏଚ-୮୦୧୭ରେ ନୂଆହାଟ ଘାଟରୁ ବେଆଇନ ଭାବେ ବାଲି ପରିବହନ କରୁଥିବାବେଳେ ଜେନାପୁର ରେଳଷ୍ଟେସନ ନିକଟରେ ପୁଲିସ ଗାଡିର କାଗଜପତ୍ର ଯାଂଚ କରିଥିଲେ। ହେଲେ ନିଜ ଟ୍ରାକ୍ଟର ଚଲାଉଥିବା ଶରତ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୁଲିସ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଏହାର ମାଲିକ ତଥା ଡ୍ରାଇଭର ଶରତକୁ ଗିରଫ କରିଥିଲା। ପରେ ତାକୁ ଚଣ୍ଡିଖୋଲକୁ ଚାଲାଣ କରାଯାଇଥିବା ଜଣାଯାଇଛି।

# କିଷାନ କଂଗ୍ରେସର ବ୍ଲକସ୍ତରୀୟ କିଷାନ ଚିନ୍ତନ ଶିବିର

ବ୍ରହ୍ମପୁର (ପିଏନ୍): ହିଞ୍ଜିଳି ବ୍ଲକ ଗଣ୍ଡଳା ଗ୍ରାମ କାଳୁଆ ମନ୍ଦିରଠାରେ କିଷାନ କଂଗ୍ରେସ ତରଫରୁ ବ୍ଲକସ୍ତରୀୟ କିଷାନ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନରେ ଗଞ୍ଜାମ ଜିଲା କଂଗ୍ରେସ ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ନିର୍ଦ୍ଦେଶରେ ବରିଷ୍ଠ କୃଷକ ନେତା ପଦ୍ମଚରଣ ସାହୁଙ୍କ ସଭାପତିତ୍ୱରେ କୃଷକ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ କିଷାନ କଂଗ୍ରେସ ଗଞ୍ଜାମ ଜିଲା ସଂଯୋଜକ ଶ୍ୟାମସୁନ୍ଦର ଦୋରା, ଜିଲ୍ଲା କଂଗ୍ରେସର ଉପସଭାପତି ମହେଶ୍ୱର ପାତ୍ର, ବରିଷ୍ଠ ସାମ୍ବାଦିକ ରବି ରଥ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ, ବିଧାନସଭା ଯୁବ କଂଗ୍ରେସ ସଭାପତି ଆଶିଷ କୁମାର ପାଢୀ, ଜିଲା ପଛୁଆ ବର୍ଗ ସଭାପତି ଅମିର କୁମାର ଭୂୟାଁ, ଜିଲ୍ଲା ସମ୍ପାଦକ ଦଣ୍ଡପାଣି ପାତ୍ର, ଆଇନଜୀବୀ ବସନ୍ତ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ସରକାରଙ୍କ କୃଷକମାରଣ ନୀତିକୁ ବିରୋଧ ଓ କେନ୍ଦ୍ରର ଦେଶ ବିକ୍ରି ଉଦ୍ଦେଶ୍ୟକୁ ନିନ୍ଦା କରାଯାଇ ସରକାର ବିରୋଧୀ ହାଓ୍ୱାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ କର୍ମୀଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା। ଆସନ୍ତା ଦିନରେ ପ୍ରତ୍ୟେକ ପଞ୍ଚାୟତରେ କର୍ମୀ ସମ୍ମିଳନୀ କରାଯିବା ନିମନ୍ତେ ସୂଚନା ଦିଆଯାଇଥିଲା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୨୮

## ଜ୍ଞାନୀ–ଅଜ୍ଞାନୀ



ଜ୍ଞାନୀ ଅଜ୍ଞାନୀ ସମସ୍ତଙ୍କ ପାଇଁ ଦିନମାନ ଚବିଶ ଘଣ୍ଟା ଏକ ଦିନ ହୋଇ ବର୍ଷ ଭୋଗ ଚାଲିଛି । ଜ୍ଞାନୀ ବ୍ୟକ୍ତି କର୍ମଧାରା ସ୍ଥିର କରି ସେଥିରେ ଆଗେଇ ତହିଁରେ ତାର ସୁଫଳ ଭୋଗ କରନ୍ତି । ମାତ୍ର ଅଜ୍ଞାନୀ ବିଶୃଙ୍ଖଳିତ ଭାବରେ କେଉଁ କର୍ମ ଆଗ କେଉଁ କର୍ମ ପଛ କଣ କରିବା, କେତେବେଳେ କରିବା କେଉଁ ବୟସରେ କରିବା ଏ ନିର୍ଣ୍ଣୟ ନେଇ ନପାରି ଶେଷ କାଳ ହତାଶାରେ କଟାଏ । ସେ ତାର ସମସାମୟିକ ଜନ୍ମ ଉଦ୍ୟମୀ ଜ୍ଞାନୀଙ୍କୁ ଈର୍ଷା କରିଥାଏ । ଗୁରୁମାର୍ଗରେ ଯେକୌଣସି ବ୍ୟକ୍ତି ଗଲେ ସେ ଉଦ୍‌ଯୋଗ ପ୍ରତି ଆକୃଷ୍ଟ ହୋଇପାରନ୍ତି ଓ ଉଦ୍‌ଯୋଗୀ ହିଁ ଲକ୍ଷ୍ମୀ ଲାଭ କରିଥାନ୍ତି । ଗୁରୁମାର୍ଗରେ ଯେଉଁ 'ଗୁରୁ' କର୍ମ ପାଇଁ ଲାଗି ରହିଛନ୍ତି ସେ ନିଶ୍ଚେ ନିଜର ସମୟକୁ ତାଙ୍କ ଗୁରୁଙ୍କଠାରୁ ଦୀକ୍ଷା ଓ ଶକ୍ତିପାତ୍‌ରେ ଠିକ୍ ଭାବରେ ଲଗାଇ ଆସୁଥିଲେ । ଶିଷ୍ୟକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇପାରନ୍ତି, ମାତ୍ର ଉପଦେଷ୍ଟା ଗୁରୁ ସରଳ ମାର୍ଗରେ ଆୟ ଉପଭୋଗ ପାଇଁ କେବଳ ପ୍ରଚାରକ ରୂପ ନେଇ କାମ କରୁଥିଲେ ସମୟ ଆସେ ଗୁରୁ ନିଜେ ନିନ୍ଦନୀୟ ହୋଇଯାଆନ୍ତି ଓ ତାକୁ ଅନୁସରଣ କରିଥିବା ଶିଷ୍ୟ ବା ଛାତ୍ରଗଣଙ୍କର ସମୟ ନଷ୍ଟ ହୋଇଥାଏ ।

ସବୁବେଳେ ତହୁଁବଡ଼ା ତହୁଁବଡ଼ା ସ୍ତର ଥିବା ବୋଧ ରହିଛି । ବିଦ୍ୟାଳୟରେ ଶିକ୍ଷକମାନେ କେମିତି ପାଠ ପଢ଼ାଉଛନ୍ତି ତାଙ୍କୁ ତଦାରଖ ପାଇଁ ବିଦ୍ୟାଳୟ ଶିକ୍ଷା ବିଭାଗର ପରିଦର୍ଶକ ପାହ୍ୟା ପାହ୍ୟା ଅଛନ୍ତି । ପୋଲିସ ବିଭାଗରେ ଚୌକିଦାରରୁ ଡ଼ିଜି ପର୍ଯ୍ୟନ୍ତ ଘଟଣା ଅନୁସନ୍ଧାନ ପାଇଁ ସ୍ତର ଅଛି । ସେନାରେ ଜଗୁଆଳୀ ସୈନିକ ଠାରୁ ସର୍ବୋଚ୍ଚ ସେନା ମୁଖ୍ୟ ଓ ଶେଷ ପଦବୀରେ ରାଷ୍ଟ୍ରପତି ଅଛନ୍ତି । ପୁଣି ଏକ ସଭା ଏକକ ଅଛି ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ରକ୍ଷା ପାଇଁ ରାଷ୍ଟ୍ର ରକ୍ଷା ସହିତ ଅନ୍ୟ ରାଷ୍ଟ୍ର ସମ୍ପର୍କ ବନ୍ଧୁପୂର୍ଣ୍ଣ ପାଇଁ ପ୍ରତ୍ୟେକଙ୍କ କର୍ତ୍ତବ୍ୟ ମଧ୍ୟରେ ଗୁରୁ ଶିଷ୍ୟ ରାଜା ପ୍ରଜା ଜଡ଼ିତ ସବୁ ସମୟରେ ରହିବା ଆବଶ୍ୟକ ପଡୁଛି । ଜୀବନ ଆରମ୍ଭ ତୃଣଠାରୁ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପ୍ରତି ଦେଶର ରାଷ୍ଟ୍ରର ସରକାର କାନୁନରେ ସମସ୍ତେ ବନ୍ଧା ରହିଛନ୍ତି । ସେମିତି ଧର୍ମ ପରମ୍ପରାରେ ତୃଣ ସୃଷ୍ଟି ଉପରେ ଶାସ୍ତ୍ର ନଜର ଉପଦେଶ ଜାହିର ରଖିଛନ୍ତି ଓ ମୃତ୍ୟୁପରେ ଦାହ ସଂସ୍କାର ପ୍ରତି ଶାସ୍ତ୍ରବାକ୍ ବଳଉର ରହିଛି ଏପରିକି ବ୍ୟକ୍ତିର ନାମକୁ ବହୁଦିନ ଉଜ୍ଜିବୀତ ପ୍ରାୟ ତିନି ପିଢ଼ି ଯାଏ ଶ୍ରାଦ୍ଧ ମାର୍ଫତ ମନନ କରି ରଖାଯାଉଛି । ରାଜନୀତି ଚାଲିଛି ହେଲେ ତହିଁରେ ଆଶ୍ରା ଏକ ମତବାଦ ଏକ ସମ୍ବିଧାନର ଧାରା ଏକ ପରମ୍ପରା, ଏହା ମଧ୍ୟରେ ନେତା ତାକୁ ଗୁରୁଜ୍ଞାନ ମନେକରି ପ୍ରଜାଙ୍କ ଭଲକୁ ପ୍ରାଧାନ୍ୟ ଦେଇ ସଂହାର ନକରି ସଂସ୍କାର କରି ସମୟ ସହିତ ତାଳ ଦେଇ ପ୍ରଗତିକୁ ଆଗେଇ ନେବାକୁ ପଡ଼ିଥାଏ । ମାତ୍ର ଏଥିରେ ଜ୍ଞାନୀ ଓ ଅଜ୍ଞାନୀଙ୍କ ପଥ ଭରି ରହିଛି । ଏଥିପାଇଁ ସଭା ସମିତିର ସହମତି ନିଶ୍ଚେ ଆବଶ୍ୟକ ପଡ଼ିଥାଏ । ଈର୍ଷା ରହିଲେ ଜ୍ଞାନୀ ଟଳ ଟଳ ହୋଇଯିବେ । ତେବେ ଜ୍ଞାନୀର ଅହଙ୍କାର ନରହିଲେ ଜ୍ଞାନୀ ଅଟଳ ରହିପାରନ୍ତି । ନିଜ ପାଇଁ ରାଜନୀତି ଜ୍ଞାନରୁ ରୋଜଗାର ଧନ୍ଦା ନଥିଲେ ଲୋକେ ମୁଣ୍ଡେଇ ରଖିବେ, ନହେଲେ ବ୍ୟତିକ୍ରମ ବୋଧ କଲେ କଚାଡ଼ି ଦେବେ ।

ବେଳକୁ ବେଳ ସମୟ ସଂସ୍କାରକୁ ଡାକି ଆଣେ ପ୍ରଗତିଶୀଳ ଚିନ୍ତାଧାରାରେ ମନୁଷ୍ୟ ସମୟ ସହିତ ତାଳ ଦେଇ ଚାଲିବାକୁ ବାଧ୍ୟ । କୃଷି କୃଷି ଚିନ୍ତାରକୁ ଶିଳ୍ପ ସମ୍ବନ୍ଧ ହେବାକୁ ଲାଗିଲାଣି କାରଖାନାରେ ଯନ୍ତ୍ରପାତି ସ୍ଥିର ମାତ୍ର ଶିଳ୍ପ ସମ୍ବନ୍ଧ କୃଷି କ୍ଷେତ୍ରକୁ ଆସିବାରୁ ଚାଷ କ୍ଷେତ୍ର ବର୍ତ୍ତମାନ ଚଳ ଚଞ୍ଚଳ ଶିଳ୍ପ କ୍ଷେତ୍ର ହୋଇଗଲାଣି । ହଳୁଆ ଏବେ ଟ୍ରାକ୍ଟର ଚାଳକ, ଧାନକଟାଳୀ ଏବେ ମନୁଷ୍ୟ ନୁହେଁ ଏକ ମେସିନ ଧାନରୁଆ ମେସିନରେ, ହଳ କାଦୁଅ ଟ୍ରାକ୍ଟରରେ ପାୱାର ଟିଲରରେ ଚାଲିଲାଣି । ଖଳାକୁ ବେଙ୍ଗଳା ପାଇଁ ହଳା ଯାଉନାହିଁ ସେ ଧାନକ୍ଷେତ୍ରରେ ଅମଳ ହେଲାଣି । ଅତଏବ ଚାଷ କ୍ଷେତ୍ରରେ ଚଳ ଶିଳ୍ପ ଦେଖାଦେଲାଣି । ବଳଦାନକାରି ବୋଲି ତାଙ୍କୁ ବଳଦ କୁହାଯାଉଥିଲା । ଏବେ ଏମାନେ ଦୁର୍ଲ୍ଲଭ (ଏଚ୍.ପି) ଅଶ୍ୱଶକ୍ତିରେ ଯାନ ଯନ୍ତ୍ରର ତାକତ ମପାଯାଉଛି । ଏଥିରେ ଅଦୃଶ୍ୟ ଜୀବ ନାମରେ ଶକ୍ତି ଆହରଣ କ୍ଷେତ୍ରମାନଙ୍କରେ ଲାଗୁ ହେଲାଣି । ଜ୍ଞାନୀ ଏପରି ସ୍ଥିତିରେ ଏହି ପରମ୍ପରାକୁ ଆସିବାକୁ ବାଧ୍ୟ ହେଲେ ଅର୍ଥ ଏଥିରେ ଅନ୍ତରାୟ ନିଶ୍ଚେ ରହିବ । ବଳଦ ଘରର କୁଣ୍ଡା ତୋରାଣୀ ପରିତ୍ୟକ୍ତ ପରିବା, ଘାସ, କୁଟ ଭୋଜନରେ ଚାଷୀର ସହାୟକ ବଳଦକୁ ତାର ଗୋବର ମୂତ୍ର ଧାନ ବିଲର ଜୈବିକ ସାର ଥିଲା । ବଳଦ ପାଇଁ ଲୋକେ ଗାଈ ପୋଷୁଥିଲେ । ନିଜ ଘର ଗାଈର ଅଣ୍ଡିରା ବାଛୁରୀକୁ ବଳଦ ବନାଇ କେହି ନିଜ ଘରେ ଚାଷକୁ ରଖୁନଥିଲେ । ଏଥିରେ ଏକ ପଶୁ ମମତା ଥିଲା, ତାହା ଏ ସମୟକୁ ବିଲୁପ୍ତ । ଅନେକ ଖର୍ଚ୍ଚାନ୍ତ ହୋଇ ଚାଷଜମିକୁ ଏ ପରିସ୍ଥିତିରେ ଚାଷ କରିପାରୁନାହାଁନ୍ତି । ଅନେକ ଜମି ବିକ୍ରୟ କରିବାକୁ ବାଧ୍ୟ ହେଉଛନ୍ତି ସରକାର କାନୁନ ଚାଷ ଜମି, ଜଳଧାରକୁ ଗୃହ ନିର୍ମାଣ ଉପଯୋଗୀ ନକରିବାକୁ ନିର୍ଦ୍ଦେଶ ରଖିଥିଲେ ଏବେ ଚାଷଜମିକୁ କିସମ ବଦଳାଇବା ଧାରା ଜାହିର ବହୁ ଉପଧାରାରେ ଲାଗୁ ହୋଇଗଲାଣି । ଏହି ଗୋଳରେ କିଏ ଚାଷଜମିର ମାଲିକ ଜ୍ଞାନୀରେ ଯିବ କି ଅଜ୍ଞାନୀରେ ଯିବ ସିଦ୍ଧାନ୍ତ କରିବା ମୁସ୍କିଲ । ଶ୍ରମ ଓ ଧନ ବର୍ତ୍ତମାନର ସମସ୍ୟା ପଶୁବଳ ଶୂନ୍ୟ ମାନବ ଶ୍ରମିକ ବହୁମୂଲ୍ୟ ପୁଣି ନିଜ ଘରର ଲୋକେ କ୍ଷେତରେ ଖଟିବାକୁ ନାରାଜ, ଯନ୍ତ୍ରବଳ ପାଇଁ, ସାର ବିହନ ପୋକମରା ଔଷଧ, ଶସ୍ୟ ଲୁଣ୍ଠନକାରୀ, ମାଙ୍କଡ଼, ଷଣ୍ଢ, ହାତୀ ଜଙ୍ଗଲି ଅନ୍ୟ ପଶୁ କୃଷକ ପାଇଁ ମହାସମସ୍ୟାକୁ ଫସଲ ବିକ୍ରୟକୁ ଆହୁରି ସମସ୍ୟା ଦେଖନ୍ତୁ ବା ଭାବନ୍ତୁ ଚାଷୀ କୋଶଳା ଶାଗ ତାର କ୍ଷେତରେ ଯନ୍ତ୍ର ବର୍ଦ୍ଧିତ ଚାଷ କରିବ ତାର ଉପଯୁକ୍ତ ରକ୍ଷଣାବେକ୍ଷଣା କରିବ ସମୟ ହେଲେ ଶାଗକୁ ଉପାଡ଼ି ଧୋଇ ବିଡ଼ା ବାନ୍ଧିବ ତାକୁ ବହନ କରି ବିକ୍ରୟ ସ୍ଥଳକୁ ନେବ ସେଠାରେ ମଧ୍ୟ ସର୍ବାଧିକାରୀ ଦଲାଲକୁ ହସ୍ତାନ୍ତରକୁ ବାଧ୍ୟ ଉପରେ ସେ ଯାହା ପାଇବ ତାକୁ ସେ ଗ୍ରହଣ ନକଲେ ଶାଗ ସେଠାରେ ସେ ବିକ୍ରୟ ପାଇଁ ବସି ପାରିବ ନାହିଁ ବସିଲେ ଦିନକର ମୂଲ ଯାହା ଶାଗଚାଷ ଓ ଶାଗ ବିକ୍ରୟରୁ ତାହା ମିଳିବ ନାହିଁ । ଏପରି ସ୍ଥଳେ ଏହି ଶାଗଚାଷୀ ଜ୍ଞାନୀ ନା ଅଜ୍ଞାନୀ ଥରେ ବିଚାର କରନ୍ତୁ ତ ! ପରିଶ୍ରମର ମଜୁରୀ ଚାଷରେ ମିଳୁନାହିଁ । ଲୋକେ ଘରଭଡ଼ାରେ ସହରରେ ଚଳିଯାଉଛନ୍ତି ଅଥଚ ସରକାର ଏମିତି କାନୁନ କରୁନାହାଁନ୍ତି ସହରିବାସୀ ବାବୁଙ୍କ ଚାଷଜମି ଅନ୍ୟକୁ ଏମିତି ଶ୍ରମଜୀବୀଙ୍କୁ ଭଡ଼ା ଦେଇ ରୋଜଗାର ଧନ୍ଦା ଚାଲୁ ରହିପାରନ୍ତା । ଆନ୍ଧ୍ରରୁ ଅନ୍ୟ ରାଜ୍ୟରୁ ଫଳ ଲଙ୍କା ପରିବା ଆସୁଛି ଏମିତି କଣ ଆମ ରାଜ୍ୟରେ ଏକ ଜମିରେ ବହୁ ଫସଲ ହୋଇପାରନ୍ତା ନାହିଁ । ସମୟ ଅନୁସାରେ ଜ୍ଞାନୀ ସରକାର ହୁଅନ୍ତୁ ଜମି ମାଲିକ ହୁଅନ୍ତୁ, ଶ୍ରମଜୀବୀ ହୁଅନ୍ତୁ, ପୁଣି ରକ୍ଷକମାନେ ହୁଅନ୍ତୁ । ନହେଲେ ଆଳସ୍ୟ ଆହୁରି ଅଜ୍ଞାନଧର୍ମୀ ବଢ଼ାଇ ଚାଲିବ ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**, ସମ୍ପାଦକ, 'ନିୟତି'
ଅରୁଣୋଦୟ ନଗର, କଟକ, ଦୂରଭାଷ: ୯୪୩୭୧୦୩୧୨୫୩

### ଆଜିର ଅନୁଚିନ୍ତା

**ସ୍ରଷ୍ଟା ପ୍ରତି କେବେହେଲେ ଅକୃତଜ୍ଞ ହୁଅନାହିଁ ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।
E-mail: editorpbkc@gmail.com
9853400829 (M), Fax: 0674-2550504

# ଭଗିନୀ ନିବେଦିତା ଓ ନାରୀଶିକ୍ଷା

••••••••••ଡକ୍ଟର ପ୍ରଭାତୀ ମିତ୍ର••••••••••

ଭଗିନୀ ନିବେଦିତାଙ୍କର ପୂର୍ବ ନାମ ମାର୍ଗାରେଟ ନୋବେଲ । ସେ ଆୟାରଲ୍ୟାଣ୍ଡସ୍ଥିତ ଟାଇରାନ ସହରର ଡନଗାଆଁ ନାମକ ଗ୍ରାମରେ ୧୮୬୭ ମସିହା ଅକ୍ଟୋବର ମାସର ୨୮ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ସାମୁଏଲ ରିଚମଣ୍ଡ ଓ ମାତାଙ୍କ ନାମ ମେରୀ ଇସାବେଲ । ସେ ପିତାମାତାଙ୍କର ଜ୍ୟେଷ୍ଠା ସନ୍ତାନ ଥିଲେ । ତାଙ୍କର ଆଉ ଜଣେ ଭଉଣୀ ଓ ଭାଇଙ୍କ ସହ ତାଙ୍କର ପିତାମାତା ଇଂଲଣ୍ଡରେ ବାସ କରୁଥିବା ସମୟରେ ସେ ନିଜେ ତାଙ୍କର ଜେଜେମା ଏଲିଜାବେଥ ନୀଲାସଙ୍କ ସହ ବାସ କରୁଥିଲେ । ଏଲିଜାବେଥ ନୀଲାସ ଜଣେ ଅସାଧାରଣ ମହିଳା ଥିଲେ, ଯାହାଙ୍କ ନିକଟରେ ଭରିରହିଥିଲା ଅଖଣ୍ଡ ଆତ୍ମସଂଯମ ଓ ଧୀରବୁଦ୍ଧି । ତାଙ୍କର ଏହି ପ୍ରଭାବ ମାର୍ଗାରେଟଙ୍କ ଉପରେ ପଡ଼ିଥିଲା । ପରବର୍ତ୍ତୀ ସମୟରେ ଅର୍ଥାତ୍ ସ୍କୁଲରେ ପଢୁଥିବା ସମୟରେ ତାଙ୍କ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଯେ କି ଜଣେ ଧର୍ମସଂସ୍କାରକ ଥିଲେ—ତାଙ୍କ ସଂସ୍ପର୍ଶରେ ଆସି ମାର୍ଗାରେଟଙ୍କ ମନରେ ଧର୍ମସଂସ୍କାର ପ୍ରତି ପ୍ରଗାଢ଼ ଅଗ୍ନିପ୍ରବାହ ଘଟିଥିଲା । ପିଲାଟି ଦିନରୁ ତାଙ୍କ ମନରେ ସ୍ୱାର୍ଥପରତାର ଚିହ୍ନ ନ ଥିଲା । ମନରେ କେବଳ ଭରି ରହିଥିଲା ଅସାଧାରଣ ଶକ୍ତି, ନିର୍ଭୟ ସାଧୁତା, ଆଦର୍ଶବାଦ । ଅଧିକନ୍ତୁ ପିଲାଦିନରୁ ବାଇବେଲ ଚର୍ଚ୍ଚା କରି ସେ ଆତ୍ମସଂଯମ ଓ ଆତ୍ମଶାସନର ଶପଥ ନେଇଥିଲେ । ତାଙ୍କର ପବିତ୍ରତା ଓ ନିଃସ୍ୱାର୍ଥ ଉଦାରତା ଯୋଗୁଁ ସେ ଏକ ଉଚ୍ଚକୋଟୀର ନେତ୍ରୀ ହୋଇପାରିଥିଲେ । ଏହାବ୍ୟତୀତ ମାତ୍ର ୧୧ ବର୍ଷ ବୟସରେ ପ୍ଲିମାଉଥ୍‌ର ଜଣେ ଧର୍ମଯାଜକ ମାର୍ଗାରେଟଙ୍କୁ ପ୍ରତିଜ୍ଞା କରାଇନେଇଥିଲେ ଯେ ସେ କେବେହେଲେ ମଦ୍ୟପାନ କରିବେ ନାହିଁ କିମ୍ବା ନାଚରେ ଅଂଶଗ୍ରହଣ କରିବେ ନାହିଁ ବରଂ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବେ । ବିଶେଷକରି ରୋମାନ କ୍ୟାଥୋଲିକ ଓ ଆଂଲୋ କ୍ୟାଥୋଲିକ୍‌ମାନଙ୍କ ସହ ମିଶି ଚିତ୍ରାଙ୍କନ, ଚିତ୍ରବିଦ୍ୟା ତଥା ଶିଳ୍ପପ୍ରୀତି ମଧ୍ୟ ବଢ଼ାଇଥିଲେ ।

ଏହାପରେ ସ୍କୁଲ-ଶିକ୍ଷା ଶେଷ କରି ମାତ୍ର ୧୮ବର୍ଷ ବୟସରେ ସେ ଶିକ୍ଷକତା ସହ ଆଂଶିକ ସାମ୍ବାଦିକତାରେ ନିଜକୁ ଜଡ଼ିତ ରଖିଲେ । ସେ ଏକାଧାରରେ ଜଣେ ବହୁମୁଖୀ ପ୍ରତିଭାଶାଳୀ ବ୍ୟକ୍ତିତ୍ୱସମ୍ପନ୍ନା ମହିଳା ଥିଲେ, ଯାହାଙ୍କର ସୁଦୂରପ୍ରସାରୀ ତୀକ୍ଷଣ ଦୃଷ୍ଟି ସହ ବାକ୍‌ପଟୁତା, ନିର୍ଭୀକ ସତ୍ୟନିଷ୍ଠା, ବିଶାଳ ହୃଦୟବତ୍ତା ଥିଲା । ଏଥିସହ ସେ ଜଣେ ଦକ୍ଷ ଲେଖିକା ମଧ୍ୟ ଥିଲେ । ନିଜ ଦେଶରେ ଶିକ୍ଷାର ବିସ୍ତାର କରିବା ଲାଗି ଉଇମ୍ବେଲଡନଠାରେ ଗୋଟିଏ କିଣ୍ଡରଗାର୍ଟେନ ସ୍କୁଲ ଖୋଲି ଶିଶୁମାନଙ୍କୁ ପିତାମାତାଙ୍କ ସ୍ନେହ ଦେଇ ଶିକ୍ଷା ପ୍ରଦାନ କରିଥିଲେ ।

ସେହି ସମୟର ଭାରତବର୍ଷକୁ ଯଦି ଆମେ ଅନୁଧ୍ୟାନ କରୁ ତେବେ ଦେଖିବାକୁ ପାଇବା ଯେ ଭାରତବର୍ଷ ପାଶ୍ଚାତ୍ୟର ଭୋଗଲାଳସାରେ ସଂକ୍ରମିତ ହୋଇପଡ଼ିଥିଲା ଓ ଭାରତ-ଗଗନରେ ତମସାର ଘନକୁହୁଡ଼ି ସୃଷ୍ଟି ହୋଇଥିଲା । ଠିକ୍ ସେହି ସମୟରେ ତ୍ୟାଗ ଓ ତପସ୍ୟାର ଅରୁଣ-ସୂର୍ଯ୍ୟ ସ୍ୱାମୀ ବିବେକାନନ୍ଦ ଭାରତ-ଗଗନରେ ଉଦିତ ହୋଇ ଭାରତର ପୁନର୍ଜାଗରଣ ଲାଗି ସର୍ବଦିଗରୁ ଅକ୍ଲାନ୍ତ ଚେଷ୍ଟା କରିଥିଲେ । ଏଥିମଧ୍ୟରୁ ନାରୀଶିକ୍ଷା ଅନ୍ୟତମ । ସେ ଶୁଣାଇଥିଲେ ଶାସ୍ତ୍ରର କଥା–''ଯଥା ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ''—ଅର୍ଥାତ୍ ଯେଉଁଠାରେ ନାରୀମାନଙ୍କର ପୂଜା ହୁଏ ସେଠାରେ ଦେବତାମାନେ ହିଁ ବାସ କରନ୍ତି । ମନୁ ମଧ୍ୟ କହିଛନ୍ତି, ''ଯଥାପେବ୍ୟଂ ପାଳନୀୟା ଶିକ୍ଷଣୀୟାତି ତନୟାଃ''-ଅର୍ଥାତ୍ ପୁତ୍ରମାନଙ୍କ ପରି କନ୍ୟାମାନଙ୍କୁ ମଧ୍ୟ ପାଳନ କରିବା ସହ ଶିକ୍ଷା ଦେବା ଉଚିତ । ଏହି କଥା ସ୍ୱାମୀଜୀ ଅନ୍ତରେ ଅନ୍ତରେ ଚିନ୍ତା କରି ସିଦ୍ଧାନ୍ତ ନେଇଥିଲେ ଯେ ଦଳେ ବ୍ରହ୍ମଚାରିଣୀ ଈଶ୍ୱରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳା ହୋଇ ଭାରତର ନାରୀମାନଙ୍କୁ ଶିକ୍ଷା ଦେବେ । ବହୁ ଚିନ୍ତା ସହ ଚେଷ୍ଟା କରି ମଧ୍ୟ ଭାରତବର୍ଷରେ ସେପରି କାହାକୁ ପାଇ ନ ଥିଲେ । ପରେ ଯେତେବେଳେ ସେ ଧର୍ମମହାସଭାରେ ଯୋଗଦେଇ ସୁନାମ ଅର୍ଜନ କରି ପାଶ୍ଚାତ୍ୟ ଦେଶ ଭ୍ରମଣ କରିଛନ୍ତି, ସେତେବେଳେ ବିଭିନ୍ନ ସ୍ଥାନରେ ଧର୍ମର ପ୍ରକୃତ ଅର୍ଥ ତଥା ସନାତନ ଧର୍ମର କଥା ଭାଷଣ ଦେଇଛନ୍ତି, ସେତେବେଳେ ଇଂଲଣ୍ଡରେ ଲେଡି ଇସାବେଲଙ୍କ ଗୃହରେ ପ୍ରଥମଥର ପାଇଁ ମାର୍ଗାରେଟ ନୋବେଲଙ୍କ ସହ ତାଙ୍କ ଡ୍ରଇଂ ରୁମରେ ଦେଖାହେଲା । ସ୍ୱାମୀଜୀଙ୍କ ବକ୍ତୃତା ଶେଷ ହେବାପରେ ସେ ତାଙ୍କୁ ବହୁ ପ୍ରଶ୍ନ କରୁଥିଲେ ଓ ସହଜରେ ସ୍ୱାମୀଜୀଙ୍କୁ ମାନିନେଇପାରୁ ନ ଥିଲେ । ଅନ୍ୟ ଏକ ଦିନର ଘଟଣା, ଯେତେବେଳେ ସ୍ୱାମୀଜୀଙ୍କ ବକ୍ତୃତାରେ ବୁଦ୍ଧଦେବଙ୍କର ସେହି ବାଣୀ ଶୁଣିଲେ ଯେ ''ଯେତେଦିନ ଯାଏ ମୋ ଦେଶର ଗୋଟିଏ ଲୋକର ମୁକ୍ତି ହୋଇନାହିଁ ସେତେଦିନ ପର୍ଯ୍ୟନ୍ତ ମୁଁ ବାରମ୍ବାର ଜନ୍ମ ନେବି ଓ ପରିନିର୍ବାଣ ନେବି ନାହିଁ ।'' ଏକଥା ଶୁଣିବା ପରେ ମାର୍ଗାରେଟ ଜାଣିପାରିଲେ ଯେ ସନ୍ନ୍ୟାସୀ ଜଣଙ୍କ ବୁଦ୍ଧଦେବଙ୍କ ସଦୃଶ ସତ୍ୟାନୁସନ୍ଧାନୀ । ଏହି ସମୟରେ ରାଜା ରାମମୋହନ ରାୟ ମଧ୍ୟ ବକ୍ତବ୍ୟ ରଖିଥିଲେ ଯେ ସ୍ୱାମୀଜୀ ହେଉଛନ୍ତି ପୃଥିବୀର ଶ୍ରେଷ୍ଠ ବ୍ୟକ୍ତି । ତେଣୁ ସେହିଦିନଠାରୁ ମାର୍ଗାରେଟଙ୍କର ସ୍ୱାମୀଜୀଙ୍କ ପ୍ରତି ଶ୍ରଦ୍ଧା ଜନ୍ମିଥିଲା । ସ୍ୱାମୀଜୀ ମଧ୍ୟ ମାର୍ଗାରେଟଙ୍କର ତେଜ, କର୍ମପଟୁତା, ପବିତ୍ରତା, ଭକ୍ତି ଓ ଅଖଣ୍ଡ ମନଃଶକ୍ତି ଦେଖି ମାର୍ଗାରେଟଙ୍କୁ ଭାରତ ଆସିବା ଲାଗି ଆମନ୍ତ୍ରଣ କରିଥିଲେ, ବିଶେଷକରି ନାରୀଶିକ୍ଷାର ପ୍ରସାର ନିମନ୍ତେ । କିନ୍ତୁ ସ୍ୱାମୀଜୀ ଭାରତକୁ ଫେରିଆସିବା ପରେ ମାର୍ଗାରେଟଙ୍କୁ ପୁନଶ୍ଚ ଚିଠି ମାଧ୍ୟମରେ ଆମନ୍ତ୍ରଣ କରି ଲେଖିଲେ: ''ମୁଁ ଚାହେଁ ବଳିଷ୍ଠ ବାକ୍ୟ ଓ ବଳିଷ୍ଠତାର କାର୍ଯ୍ୟ, ଜାଗ, ଜାଗ ହେ ମହାପ୍ରାଣ ! ଯେଉଁ ସମୟରେ ଯନ୍ତ୍ରଣାରେ ଶହ ଶହ ଲୋକ ମରୁଛନ୍ତି, ସେହି ସମୟରେ କଅଣ ତୁମକୁ ନିଦ୍ରା ଶୋଭାପାଏ !'' ଚିଠିର ଏହି କେତୋଟି ପଦ ମାର୍ଗାରେଟଙ୍କର ମର୍ମସ୍ଥଳରେ ଲାଗିଥିଲା ଓ ସେ ଭାରତବର୍ଷରେ ୧୮୯୮ ମସିହାରେ ପଦାର୍ପଣ କରି ସ୍ୱାମୀଜୀଙ୍କ ପଦତଳେ ନିଜକୁ ଅର୍ପିତ କରିଦେଇଥିଲେ । ସ୍ୱାମୀଜୀ ମଧ୍ୟ ନିଜକୁ ଗୁରୁଗିରିର ଅହମିକାରୁ ବାଦ୍ ଦେଇ କହିଥିଲେ—''ଯଦି ମୁଁ ତୁମକୁ ଏଠାକୁ ଆସିବାକୁ କହିବାରେ କୌଣସି ଅଭିପ୍ରାୟ ରଖି ତୁମକୁ ବଳିସ୍ୱରୂପ ଗ୍ରହଣ କରିଥାଏ ତେବେ ଏହା କେବଳ ବୃଥା ହେଉ ଏବଂ ଯଦି ଏହାର ପଶ୍ଚାତ୍‌ରେ ସେହି ମହାମାୟାଙ୍କର ଶକ୍ତି କାର୍ଯ୍ୟ କରୁଥାଏ ତେବେ ତୁମେ ସାର୍ଥକ ହୁଅ, ତୁମର ଜୟ ହେଉ । ଏକଥା ଶୁଣି ସତ୍ୟାନୁସନ୍ଧାନୀ ମାର୍ଗାରେଟ ନିଜ ଗୁରୁ ସ୍ୱାମୀଜୀଙ୍କୁ ସ୍ୱୟଂ ଘନୀଭୂତ ସତ୍ୟସ୍ୱରୂପ ଜ୍ୟୋତିର୍ମୟ ଆତ୍ମା ବୋଲି ଜାଣିପାରିଥିଲେ । ୧୮୯୯ରେ ମାର୍ଗାରେଟ ଭାରତକୁ ଆସିବା ପରେ ସ୍ୱାମୀଜୀ ମଧ୍ୟ ତାଙ୍କର ରହିବାର ସୁବନ୍ଦୋବସ୍ତ କରାଇ, ବଙ୍ଗଭାଷା, ସଂସ୍କୃତଭାଷା, ଭାରତୀୟ ସଂସ୍କୃତି, ଆଚାର ବିଚାର ଇତ୍ୟାଦି ସବୁକିଛି ବିଷୟରେ ବିଭିନ୍ନ ଭାବରେ ଶିକ୍ଷାଦାନ କରାଇ ଦେଇଥିଲେ ।



ଭାରତବର୍ଷରେ ନାରୀଶିକ୍ଷାର ପ୍ରଚଳନ ପାଇଁ ପୃଥିବୀର ମହତ୍ତମା ନାରୀ ତଥା ପବିତ୍ରତାସ୍ୱରୂପିଣୀ ମା ସାରଦାଦେବୀଙ୍କ ସହ ଓଜସ୍ୱିନୀ ମାନବସିଂହୀ ମାର୍ଗାରେଟ ନୋବେଲଙ୍କୁ ମିଳିତ କରାଇଥିଲେ । ସେଦିନ ଥିଲା ୧୮୯୮ ମସିହା ମାର୍ଚ୍ଚ ୧୭ ତାରିଖ । ଏହିଠାରେ ମାର୍ଗାରେଟ ମାଆଙ୍କ ପଦସ୍ପର୍ଶ କରି ଏହି କାର୍ଯ୍ୟ ନିମନ୍ତେ କୃପା ପାଇଥିଲେ, ସେହି ବର୍ଷ ମାର୍ଚ୍ଚ ମାସ ୨୫ ତାରିଖ ଦିନ ସ୍ୱାମୀଜୀ ତାଙ୍କୁ ବ୍ରହ୍ମଚାରିଣୀ ରୂପେ ଦୀକ୍ଷା ଦାନ କରିଥିଲେ ଏବଂ ତାଙ୍କର ନାମ 'ନିବେଦିତା' ରଖିଥିଲେ । ଏହାପରଠାରୁ ଭାରତବର୍ଷରେ ନାରୀଶିକ୍ଷାର ପ୍ରଚଳନ ଲାଗି ସ୍ୱାମୀଜୀ ନିବେଦିତାଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ । ସେତେବେଳେ ଭାରତରେ ଇସଲାମ୍ ସଭ୍ୟତାର ପ୍ରଭାବରେ ନାରୀମାନଙ୍କ ମଧ୍ୟରେ ପର୍ଦ୍ଦାପ୍ରଥା ପ୍ରଚଳିତ ହୋଇଥିଲା ଏବଂ ନାରୀମାନେ କେବଳ 3 K's job ନିମନ୍ତେ ଉଦ୍ଦିଷ୍ଟ ରହିଥିଲେ (Knitting, Kitchen, Kindergarten) ଅର୍ଥାତ୍ ରନ୍ଧାରନ୍ଧି, ବୁଣାବୁଣି ଓ ପିଲାଙ୍କୁ ଲାଳନପାଳନ । ସ୍ଥଳବିଶେଷରେ ସେମାନେ କେବଳ ସନ୍ତାନ-ଉତ୍ପାଦନକାରୀ ଯନ୍ତ୍ର ରୂପେ ପରିଗଣିତ ହେଉଥିଲେ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ କେତେଜଣ ସମାଜ-ସଂସ୍କାରକ ତଥା ଶିକ୍ଷାବିଦ୍‌ମାନଙ୍କ ଅକପଟ ଚେଷ୍ଟା ଦ୍ୱାରା ନାରୀସମାଜର ଉନ୍ନତିର ସୋପାନ ଉନ୍ମୁକ୍ତ ହୋଇଥିଲା । ଯେପରି ରାଜା ରାମମୋହନ ରାୟଙ୍କ ଦ୍ୱାରା ସତୀଦାହ ପ୍ରଥା ନିବାରଣ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଦ୍ୱାରା ବିଧବା ବିବାହ ପ୍ରଥାର ପ୍ରଚଳନ ହୋଇଥିଲା । ସେ ବହୁ କଷ୍ଟ କରି ବିଧବା ବିବାହକୁ ଶାସ୍ତ୍ରସମ୍ମତ ବୋଲି ଖୋଜି ପାଇ ତାହାକୁ ୧୮୫୬ ମସିହା ଜୁଲାଇ ୨୬ ତାରିଖ ଦିନ ବିଲ୍ ପାସ କରାଇଥିଲେ । ଏହାଦ୍ୱାରା ମୃତପ୍ରାୟ ମାତୃଜାତିଙ୍କୁ ପ୍ରଥମେ ଭଲଭାବରେ ବଞ୍ଚିବାର ଅଧିକାର ଆଣିଦେଇଥିଲେ । ପୁନଶ୍ଚ ମହାରାଷ୍ଟ୍ରର ମହାତ୍ମା ଫୁଲେ ମହିଳାମାନଙ୍କୁ ଉନ୍ନୀତ କରାଇବା ଲାଗି ବହୁଚେଷ୍ଟା କରିଥିଲେ, କିନ୍ତୁ ଏହି ସମୟରେ ସ୍ୱାମୀଜୀଙ୍କର ପରିକଳ୍ପିତ ନାରୀଶିକ୍ଷା ନିମନ୍ତେ ଭଗିନୀ ନିବେଦିତା ବ୍ରତୀ ହୋଇ ୧୮୯୮ ମସିହା ନଭେମ୍ବର ମାସ ୧୨ ତାରିଖ ଦିନ ବିଦ୍ୟାଳୟଟିଏ ଖୋଲିବା ନିମନ୍ତେ ମିଟିଙ୍ଗ ଡାକିଥିଲେ । ନଭେମ୍ବର ୧୩ ତାରିଖ ଦିନ ଥାଏ ରବିବାର ଓ କାଳୀପୂଜା । ସେଦିନ ୧୬ନଂ ବୋଷପାଡ଼ା ଲେନ୍‌ରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ଏବଂ ଏଥିରେ ଉପସ୍ଥିତ ଥିଲେ ସ୍ୱୟଂ ଜଗତଜନନୀ ମା' ସାରଦାଦେବୀ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ବ୍ରହ୍ମାନନ୍ଦ, ସ୍ୱାମୀ ସାରଦାନନ୍ଦ । ପ୍ରତିଷ୍ଠା ଶେଷ ହେବା ପରେ ମା' କହିଥିଲେ ଏହି ସ୍କୁଲ ଉପରେ ସ୍ୱୟଂ ମହାମାୟାଙ୍କର ଶୁଭାଶୀଷ ଶତଧାରାରେ ବର୍ଷିତ ହେଉ ଏବଂ ଏଠାରୁ ଯେଉଁ ଛାତ୍ରୀମାନେ ବାହାରିବେ ସେମାନେ ଆଦର୍ଶସ୍ଥାନୀୟା ହେବେ—ପରବର୍ତ୍ତୀ କାଳରେ ଦେଖାଯାଇଛି ସତକୁ ସତ ଏଠାରେ ପଢ଼ାଉଥିବା ବହୁ ଶିକ୍ଷୟିତ୍ରୀ ସାରଦା ମଠର ଅଧ୍ୟକ୍ଷା ହୋଇଛନ୍ତି, ତଥା ଏଠାରୁ ପାଠ ପଢ଼ି ସାରଦା ମିଶନରେ ଯୋଗଦେଇ ବହୁଜନହିତାୟ, ବହୁଜନସୁଖାୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଦେଇଛନ୍ତି ।

ପ୍ରଥମେ ନିବେଦିତା ଏହି ସ୍କୁଲଟିର ନାମ ଶ୍ରୀରାମକୃଷ୍ଣ ବିଦ୍ୟାଳୟ ରଖିଥିଲେ; ପରେ ଏହା ୧୯୧୮ ମସିହାରେ ରାମକୃଷ୍ଣ ମଠ ମିଶନର ଅନ୍ତର୍ଭୁକ୍ତ ହେଲା । କାଳକ୍ରମେ ଏହା ରାମକୃଷ୍ଣ ସାରଦା ମିଶନ ନିବେଦିତା ବାଳିକା ବିଦ୍ୟାଳୟ ନାମରେ ନାମିତ ହୋଇଥିଲା ।

ପ୍ରାଚୀନ କାଳର କଳାସ୍ଥାପତ୍ୟ ଇତ୍ୟାଦି ଦେଖାଇଦେବା ସମୟରେ ଭାରତବର୍ଷର କଳା କିପରି ବହୁ ଉଚ୍ଚକୋଟୀର, ତାହା ବର୍ଣ୍ଣନା କରିବା ବେଳେ ନିବେଦିତା ନିଜେ ଏପରି ଭାବରେ ଉତ୍‌ଫୁଲ୍ଲିତ ହେଉଥିଲେ ଯେ କେହି ତାଙ୍କୁ ବିଦେଶିନୀ ବୋଲି ଭାବୁ ନ ଥିଲେ । ସେହି ସ୍କୁଲରେ ସେ ସଂସ୍କୃତ ଶିକ୍ଷାର ବନ୍ଦୋବସ୍ତ କରାଇ କହିଥିଲେ, ଯେଉଁଦିନ ଏହି ସ୍କୁଲର ଛାତ୍ରୀମାନେ ସଂସ୍କୃତରେ ତାଳପତ୍ରରେ ସଂସ୍କୃତ ଶ୍ଳୋକ ଲେଖିପାରିବେ ସେହି ଦିନଟି ହେବ, ମୋ ନିମନ୍ତେ ସବୁଠାରୁ ଆନନ୍ଦର ଦିନ ।

ସେହିପରି ମହିଳାମାନଙ୍କ ମଧ୍ୟରେ ସେବାର ଦାର୍ଶନିକ ଦୃଷ୍ଟିଭଙ୍ଗୀକୁ ପ୍ରବେଶ କରାଇଦେବା ନିମନ୍ତେ ପାଳିକରି ପ୍ରତି ଏକାଦଶୀ ଦିନ ଦୁଇଜଣ ବିଧବା ମହିଳାଙ୍କୁ ନିଜ ପାଖରେ ବସାଇ ଖାଇବାକୁ ଦେଉଥିଲେ ।

ମହିଳାମାନଙ୍କ ମଧ୍ୟରେ 'ସୌନ୍ଦର୍ଯ୍ୟବୋଧ' ପ୍ରବେଶ କରାଇବା ନିମନ୍ତେ ନିଜ ବିଦ୍ୟାଳୟର ଛାତ୍ରୀମାନଙ୍କୁ କ୍ଷୁଦ୍ର ଅତିଥି ଭାବରେ ଚର୍ଚ୍ଚା କରିବାକୁ ଯାଇ ଛୋଟ ଛୋଟ ଶାଳପତ୍ର ଆଣି, ତାକୁ ତିନିକୋଣିଆ କରି ନିଜ ହାତରେ ଛୋଟ ଦନା ତିଆରି କରି, ବିଭିନ୍ନ ପ୍ରକାର ଫଳ କାଟି ସେଥିରେ ରଖି ଓ ତା' ଉପରେ କିଛି ମିଷ୍ଟାନ୍ନ ସଜାଇ ଗୋଟିଏ ବାଉଁଶ-ଝୁଡ଼ିରେ ସଜାଇ ରଖି ଛାତ୍ରୀମାନଙ୍କୁ ନିଜେ ପରିବେଷଣ କରୁଥିଲେ ଏବଂ ସେମାନଙ୍କର ଖାଇବା ଶେଷ ହେଲେ ସେହି ଝୁଡ଼ିଟିକୁ ସମସ୍ତଙ୍କ ନିକଟରେ ବୁଲାଇ ଖାଲି ଦନାଗୁଡ଼ିକୁ ସଂଗ୍ରହ କରି ମଇଳା ରଖିବା ଜାଗାରେ ପକାଇ ଦେଉଥିଲେ । ଏପରି ଭାବରେ ମହିଳାମାନଙ୍କୁ ବା ଝିଅମାନଙ୍କୁ ଶିକ୍ଷା ଦେଉଥିଲେ, ଯଦ୍ୱାରା ସେମାନଙ୍କ ମନରେ କିପରି ଫଳ କାଟି ସଜାଇ ପାତ୍ରରେ ଦେଇ ଅତିଥିମାନଙ୍କ ମନତୋଷି ହେବ ସେହି ଭାବର ଉଦ୍ରେକ ହେଉଥିଲା ।

ପୁନଶ୍ଚ ଛାତ୍ରୀମାନଙ୍କ ମନରେ ଜାତୀୟତାବୋଧ ପ୍ରବେଶ କରାଇଦେବା ନିମନ୍ତେ ସେ ସର୍ବଦା କହୁଥିଲେ: ତୁମେମାନେ ଭାରତବର୍ଷର କନ୍ୟା, ଭାରତର ଆଦର୍ଶ ତୁମର ଆଦର୍ଶ—ଏହି କଥା କେବଳ କଥା ମାଧ୍ୟମରେ ସୀମିତ ନ ରଖି ଅବସର ସମୟରେ ଅଥବା ଇତିହାସ କ୍ଲାସ୍‌ରେ ସେ ଭାରତୀୟ ମହିୟସୀ ନାରୀଙ୍କ ଚରିତ୍ରଗାଥା ଶୁଣାଉଥିଲେ । ସେମାନଙ୍କ ମଧ୍ୟରେ ମହାଶକ୍ତିସମ୍ପନ୍ନା ତଥା ବିପଦ ସମୟରେ ଅବିଚଳିତ ନାରୀ—ଚିତୋରର ରାଣୀ ପଦ୍ମିନୀ, ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ, ଚାନ୍ଦବିବି, ଶାସନକୁଶଳା ମହିମମୟୀ ସାମ୍ରାଜ୍ଞୀ ରାଣୀ ଭବାନୀ ଓ ରାଣୀ ଜାହ୍ନବୀ, ଦିବ୍ୟାନୁଭୂତିସମ୍ପନ୍ନା ମୀରାବାଈ ଥିଲେ ଭକ୍ତିମତୀ ସାଧିକା ଏବଂ ଆତ୍ମତ୍ୟାଗୀ ପତିବ୍ରତା ଗାନ୍ଧାରୀ ଥିଲେ ଅନ୍ୟତମା ।

ଏମାନଙ୍କ ପରି ଭାରତୀୟ ନାରୀମାନଙ୍କର ଚରିତ୍ର ଗଢ଼ିଉଠୁ ବୋଲି ସେ ଚାହିଁଥିଲେ । କାରଣ ଭାରତୀୟ ରମଣୀମାନଙ୍କର ସ୍ୱଭାବଗତ ମାଧୁର୍ଯ୍ୟ, ଔଦାର୍ଯ୍ୟ, ନିଃସ୍ୱାର୍ଥତା, ସର୍ବଭୂତଙ୍କ ପ୍ରତି ମାତୃତ୍ୱର ଭାବ ଏବଂ ଅତି ସ୍ୱାଭାବିକ ତ୍ୟାଗଶୀଳତା ଲକ୍ଷ୍ୟ କରି ନିବେଦିତା ମୁଗ୍ଧ ହୋଇ କହିଥିଲେ, "ପ୍ରେମ ଭାରତୀୟ ରମଣୀର ଆଦର୍ଶ ନୁହେଁ, ଆଦର୍ଶ ତ୍ୟାଗ । ଏହି ଆଦର୍ଶକୁ ଅକ୍ଷୁର୍ଣ୍ଣ ରଖି ମୁଁ ହିନ୍ଦୁନାରୀମାନଙ୍କୁ ଆଧୁନିକ ପାଶ୍ଚାତ୍ୟର କାର୍ଯ୍ୟକାରୀ ଶିକ୍ଷା ଦେବାକୁ ଚାହେଁ ।"

ସର୍ବଧର୍ମ ସମନ୍ୱୟର ଭାବ ଶିକ୍ଷାର୍ଥିନୀମାନଙ୍କ ମଧ୍ୟରେ ପ୍ରବେଶ କରାଇଦେବା ଲାଗି ସରସ୍ୱତୀ ପୂଜା ପୂର୍ବଦିନ ସେ ଖାଲିପାଦରେ ସାହିରେ ଥିବା ଗୃହକୁ ଯାଇ ସମସ୍ତଙ୍କୁ ଆମନ୍ତ୍ରଣ କରି ପୂଜା ଶେଷରେ ଯେପରି ପ୍ରସାଦ ବିତରଣ କରୁଥିଲେ, ଠିକ୍ ସେହିପରି ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନରେ ସ୍କୁଲ ଗୃହଟିକୁ ଖ୍ରୀଷ୍ଟମାସ ବୃକ୍ଷରେ ସଜାଇ, ରଙ୍ଗୀନ ମହମବତୀ ପ୍ରଜ୍ୱଳନ କରାଇ ଯୀଶୁଙ୍କ ଜୀବନୀ ପାଠ କରାଉଥିଲେ ଏବଂ ପାଠ ଶେଷରେ ଉପସ୍ଥିତ ଥିବା ସମସ୍ତ ଭକ୍ତଙ୍କୁ ଅଜସ୍ର ଲଜେନ୍ସ, ବିସ୍କୁଟ ଓ କେକ୍ ବିତରଣ କରୁଥିଲେ ।

କେବଳ ଏତିକି ନୁହେଁ, ଛାତ୍ରୀମାନଙ୍କ ଦ୍ୱାରା ଅଙ୍କିତ ଚିତ୍ର ତଥା ମାଟିର କଣ୍ଢେଇ ମଧ୍ୟରୁ ଯେଉଁଗୁଡ଼ିକ ଭଲ ସେଗୁଡ଼ିକ ନିଜ ରହିବା ଘରେ ସଜାଇ ରଖୁଥିଲେ ଓ ମହିଳାମାନଙ୍କ ମନ କୌଣସି କାରଣରୁ ଅବସାଦଗ୍ରସ୍ତ ହେଲେ ବେଳେବେଳେ ଅବସାଦ ଦୂରୀଭୂତ କରିବା ନିମନ୍ତେ ନିଜର ସୁଲଳିତ କଣ୍ଠରେ ଗୀତ ବୋଲି ଶୁଣାଉଥିଲେ ଏବଂ ଏହି ଗୀତଗୁଡ଼ିକରେ ଥିବା ଶବ୍ଦର ସ୍ପଷ୍ଟ ଉଚ୍ଚାରଣ କରୁଥିଲେ । ତାଙ୍କର ଶିକ୍ଷାଦାନର ପ୍ରଣାଳୀ ଶିଶୁ, ବାଳିକା ଓ ପ୍ରୌଢ଼ା ତଥା ବୟସ୍କାମାନଙ୍କ ପାଇଁ ଅଲଗା ଅଲଗା ଥିଲା ।

ଭାରତମାତାଙ୍କର ଗତଗୌରବ, ମୃତଗୌରବ ଓ ହୃତଗୌରବକୁ ଫେରାଇ ଆଣିବାରେ ଅତୁଟ ପରିଶ୍ରମ କରି ନିବେଦିତା ସଫଳତା ମଧ୍ୟ ପାଇଥିଲେ । ଭାରତବର୍ଷରେ ନାରୀଶିକ୍ଷା ନିମନ୍ତେ ତାଙ୍କର ଅବଦାନ ଅତୁଳନୀୟ । ଇତିହାସ ଯେପରି ଲକ୍ଷ୍ମଣପତ୍ନୀ ଊର୍ମିଳାଙ୍କର ତ୍ୟାଗ ଓ ଧାତ୍ରୀ ପାନ୍ନାଙ୍କର ସ୍ୱାର୍ଥତ୍ୟାଗ ବିଷୟରେ ନୀରବ, ଠିକ୍ ସେହିପରି କୌମାର୍ଯ୍ୟ ଓ ବୈରାଗ୍ୟ ଅବଲମ୍ବନ କରି ଭାରତମାତାଙ୍କ ନିମନ୍ତେ ନିବେଦିତା ଯେଉଁ ସ୍ୱଦେଶତ୍ୟାଗ, ଆତ୍ମତ୍ୟାଗ ଓ ସ୍ୱାର୍ଥତ୍ୟାଗ କରିଛନ୍ତି ସେ ବିଷୟ ବହୁଜନ ସମ୍ମୁଖରେ ବିଶେଷ ଭାବରେ ସମାଦୃତ ହୋଇନାହିଁ । ବିଶେଷକରି ତାଙ୍କର ଐକାନ୍ତିକ ନିଷ୍ଠା ଓ ଶ୍ରଦ୍ଧାର ବିଦ୍ୟାଳୟ ବିଷୟରେ ବହୁ ଲୋକ କିଛି ଜାଣିନାହାନ୍ତି । ଆଜିର ଶିକ୍ଷୟିତ୍ରୀମାନେ ଏହି ଭାବଧାରା ଗ୍ରହଣ କରିବା ବାଞ୍ଛନୀୟ । ହେ ମାନବସିଂହୀ ! ଭାରତମାଟିରେ ତୁମେ ଆଇରିସ୍‌ର ଉଜ୍ଜ୍ୱଳ ଦୀପଶିଖା ସଦୃଶ—ତେଣୁ ବାରମ୍ବାର ତୁମକୁ ପ୍ରଣାମ !

*-ରାସବିହାରୀ ମଠ ଲେନ୍, ତେଲେଙ୍ଗା ବଜାର, କଟକ-୭୫୩୦୦୯, ଓଡ଼ିଶା*

# ଅଜ୍ଞ, ଅଳ୍ପଜ୍ଞ, ବିଶେଷଜ୍ଞ ଓ ସର୍ବଜ୍ଞ

----------ଉମାଶଙ୍କର ପ୍ରସାଦ----------

ଏ ସମାଜରେ ଅଜ୍ଞ, ଅଳ୍ପଜ୍ଞ, ବିଶେଷଜ୍ଞ ଏହିପରି ତିନି ପ୍ରକାରର ଲୋକ ଥା'ନ୍ତି । ଅଜ୍ଞ ନିଜର ସର୍ବସ୍ୱ ଭଗବାନଙ୍କ ଉପରେ ଛାଡିଦେଇ କହୁଛି 'ତ୍ୱମେବ ମାତା ଚ ପିତା ତ୍ୱମେବ', ରାମ, କୃଷ୍ଣ, ଜଗନ୍ନାଥଙ୍କ ଫଟୋଚିତ୍ରକୁ ଦେଖି ମୋତେ ତ୍ରାହିକର ପ୍ରଭୁ କହି ଆଖିରୁ ଦୁଇଟୋପା ଅଶ୍ରୁ ଗଡାଇ ନିଜର ଅଭାବି ସଂସାରକୁ ପାର ହେବା ପାଇଁ ନିଜକୁ ହୀନ ମନେକରି ପ୍ରଭୁଙ୍କ ପାଖରେ ନିଜର ଅଜ୍ଞତା ଜଣାଇ ଶରଣ ପଶୁଛି । ସେ ନିଜକୁ କର୍ତ୍ତା ଭାବିବାର ଅହଙ୍କାରରୁ ମୁକ୍ତି କରିଥିବା ଯୋଗୁ ଈଶ୍ୱର ତା'ର କାମକୁ ଛାଏଁ କରି ଦେଉଛନ୍ତି, ଛୋଟ ଶିଶୁଟିର ମନଜାଣି ତା'ର ସମସ୍ତ କାର୍ଯ୍ୟ ଯେପରି ତା'ର ମା' କରିଥାଏ ।

ଅଳ୍ପଜ୍ଞମାନେ ପୂଜାବିଧି ଜାଣିଛନ୍ତି । ନିୟମିତ ହୋମଯଜ୍ଞ କରିବା ସହ ବ୍ରତ ଓ ଉପବାସ କରି ଶରୀରକୁ ଅନେକ କଷ୍ଟ ଦେଉଛନ୍ତି । ଶ୍ଳୋକ ଉଚ୍ଚାରଣ କରି ତାକୁ ବୁଝେଇବାରେ ବାହାବା ନେଉଛନ୍ତି । ଚିତା ତିଳକ କାଟି ମୃଦଙ୍ଗ ବଜାଇ ସୁନ୍ଦର ଭଜନ ଗାଇ ଠାକୁରଙ୍କ ଆଗରେ ନାଚିବା ସହ ଶହ ଶହ ଲୋକଙ୍କୁ ଆକୃଷ୍ଟ କରୁଛନ୍ତି । ପିତରୋଗୀକୁ ଯେମିତି ଚିନି ପିତା ଲାଗେ, କାମଳ ରୋଗୀକୁ ଯେମିତି ନିମ୍ବ ପିତାର ସ୍ୱାଦ ମିଠା ଲାଗେ ଅଥବା ଲୁଣ ଖଣ୍ଡେ ମୁହଁରେ ଧରି ଚିନି ବସ୍ତା ଉପରେ ବୁଲି ଆସିବା ପରେ ପିମ୍ପୁଡି ଯେପରି ଲୁଣର ପାହାଡ ବୁଲି ଆସିଲା ବୋଲି ଭାବିଥାଏ, ଆମ ଅଳ୍ପଜ୍ଞମାନେ ଘଣ୍ଟା, ଘଣ୍ଟି, ହୋମ, ଯଜ୍ଞ ଓ କାଙ୍ଗାଳି ଭୋଜନ କରାଇ ପାପ ବିନାଶ ହେବା ସହ ପୂଣ୍ୟ ଅର୍ଜନ ହେଲା ବୋଲି ଭାବି ମନକୁ ସାଂସାରିକ ଧନ ଉପାର୍ଜନରେ ଲାଗିଥା'ନ୍ତି । ଶରୀର ଶୁଭକାମରେ ନିୟୋଜିତ ଥିବାବେଳେ ମନ ପୁତ୍ର, ସ୍ତ୍ରୀ, ପତି, ସନ୍ତାନ, ସନ୍ତତି, ରୋଗ, ଶୋକ ଇତ୍ୟାଦିରେ ସଦା ଅଶାନ୍ତ ରହିଥାଏ । ଏମାନେ ସେମାନଙ୍କର ନ ହେବା କାର୍ଯ୍ୟ ପାଇଁ ଭାଗ୍ୟକୁ ସଦାସର୍ବଦା ଦାୟୀ କରିଥା'ନ୍ତି ଏବଂ ଫଳବତୀ କାର୍ଯ୍ୟର ଶ୍ରେୟ ନିଜକୁ ଦେଇଥା'ନ୍ତି । ଶେଷ ସମୟ ପର୍ଯ୍ୟନ୍ତ ଭୋଗ ଲାଳସାରେ ମଜ୍ଜିରହି ଶେଷନିଃଶ୍ୱାସ ତ୍ୟାଗ କରନ୍ତି ।

ବିଶେଷଜ୍ଞମାନେ ବିଜ୍ଞାନ ବା ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ପରିପୁଷ୍ଟ । ଏମାନେ ଅନେକ ଆଧୁନିକ ଧରଣର ଉଦ୍ଭାବନ ଓ ଆବିଷ୍କାର ଦ୍ୱାରା ଜନସାଧାରଣଙ୍କୁ ଚମକାଇ ଦିଅନ୍ତି ।



ଏମାନେ ଅନେକ କିଛି ସମାଜ ପାଇଁ କରିବା ସହ ଆହୁରି ଅଧିକ କରିବାକୁ ଆପ୍ରାଣ ଚେଷ୍ଟା ଚଳାଇଥା'ନ୍ତି । ଅହଙ୍କାରବଶତଃ ଏମାନେ ଭୁଲିଯାଇଥା'ନ୍ତି ଯେ ଈଶ୍ୱରଙ୍କ ସୃଷ୍ଟିର ଅଳ୍ପ କିଂଚିତ ଅଂଶ ବା ନିୟମ ଏମାନେ କେବଳ ଆବିଷ୍କାର କରିପାରିଛନ୍ତି ମାତ୍ର ଏଇ ଅଜ୍ଞ, ଅଳ୍ପଜ୍ଞ ଓ ବିଶେଷଜ୍ଞଙ୍କ ବ୍ୟତିରେକ ଆଉ ଏକ ଶକ୍ତି ଅଛି ଯେ କି ସର୍ବଜ୍ଞଭାବେ ପରିଚିତ । ଯାହାକୁ ଆମେ ମନୁଷ୍ୟର ସ୍ୱାର୍ଥ ସାଧନ ପାଇଁ ଡାକିଥାଉ, ଲାଞ୍ଚ ମଧ୍ୟ ଯାଚିଥାଉ; ମାତ୍ର ଅନ୍ୟବେଳେ ଭୁଲିଯାଇଥାଉ । ଏହି ସର୍ବଜ୍ଞଙ୍କ ପାଖରେ ସମସ୍ତେ ସମାନ । ତାଙ୍କୁ ଭକ୍ତି କରୁଥିବା ଭକ୍ତକୁ ଭଲପାଉଥିବା ବେଳେ ଶତ୍ରୁକୁ ତଥା ତାଙ୍କୁ ଶତ୍ରୁ ମାନୁଥିବା ଅନେକ ରାକ୍ଷସକୁ ମୁକ୍ତି ଦିଅନ୍ତି । ଦାନ, ଯଜ୍ଞ ବା ବୈଦିକ କର୍ମକାଣ୍ଡ ଦ୍ୱାରା ପାପର ପ୍ରାୟଶ୍ଚିତ ହୋଇପାରେ; ମାତ୍ର ପାପ କରିବାର ଚିତବୃତି ନଷ୍ଟ ହୁଏ ନାହିଁ । ଗଙ୍ଗାରେ ସ୍ନାନ କଲେ ଶରୀର ଶୁଦ୍ଧ ହୋଇଥାଏ; ମାତ୍ର ପାପୀମନ ଯେମିତିକି ସେମିତି ରହେ । ସର୍ବଜ୍ଞ ଈଶ୍ୱର ତାଙ୍କ ହାତରେ ସମସ୍ତ ଚାବି ରଖିଛନ୍ତି । ନିଖିଳ ବ୍ରହ୍ମାଣ୍ଡର ସବୁ ତଥ୍ୟ କେବଳ ସେ ହିଁ ଜାଣନ୍ତି । ବିଶେଷଜ୍ଞମାନେ ଚନ୍ଦ୍ର, ସୂର୍ଯ୍ୟ ନିର୍ମାଣ କରିବା ପାଇଁ ଅକ୍ଷମ । ବିଜ୍ଞାନ ବୁଝେଇପାରୁନି ଯେ କାହିଁକି ମୟୂରୀର ପୁଚ୍ଛ ମୟୂର ପୁଚ୍ଛ ଅପେକ୍ଷା ବଡ ହେଉଛି । କୁକୁରର ଦୁଧଦାନ୍ତ ପଡୁନାହିଁ, କୁକୁଟୀର ମୁଣ୍ଡରେ ଚୂଳ ହେଉନି, ଘୋଡ଼ାର ସ୍ତନ ହେଉନି ବା ପିଲା ଜନ୍ମ ବେଳେ ମାଈ ଘୋଡ଼ାର ଜିଭ କାହିଁକି ବାହାରକୁ ପଡିଯାଏ । ପଶୁପକ୍ଷୀଙ୍କର ଦେହର ଲୋମର ରଙ୍ଗ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମାନ ଥିବାବେଳେ ମଣିଷର ବଦଳୁଛି କାହିଁକି ? କ'ଣ କଲେ ଏକ ଜୀବନ ଥିବା ବସ୍ତୁ ସୃଷ୍ଟି ହେବ ତା' ବି ବିଶେଷଜ୍ଞ ଜାଣେନି, ନଚେତ୍ ଟେଷ୍ଟଟ୍ୟୁବ୍ ପିଲା ପାଇଁ ମା'ର ଗର୍ଭାଶୟ ଖୋଜା ପଡନ୍ତା କାହିଁକି ?

ଆମ ଘରକୁ ଆଠ, ଦଶଜଣ ବନ୍ଧୁବାନ୍ଧବ, ଅତିଥି ଆସିଗଲେ ଆମେ ଭାରାକ୍ରାନ୍ତ ହୋଇଯାଉ । ସେମାନଙ୍କର ସମସ୍ତ ସେବାର ବ୍ୟବସ୍ଥା କରି ସେମାନେ ବିଦାୟ ନେଲାପରେ ଆମେ ଶାନ୍ତି ପାଇଥାଉ । ତେବେ ସଚରାଚର ବିଶ୍ୱବ୍ରହ୍ମାଣ୍ଡର ପରିବାରର ଟିକିନିଖି ହିସାବ ରଖି କର୍ମାନୁସାରେ ଫଳ ଖଞ୍ଜି ମଧ୍ୟ ଈଶ୍ୱର ଅଶାନ୍ତ ହେଉନାହାଁନ୍ତି । ସେହି ସର୍ବଶ୍ରେଷ୍ଠ, ସର୍ବଜ୍ଞ, ସର୍ବଶକ୍ତିମାନ ଯଦି ନ ହୁଅନ୍ତେ ତେବେ ସଂସାର ତାଙ୍କର ଅଧୀନସ୍ଥ ହୋଇ ନ ଥା'ନ୍ତା । ତେବେ ସମସ୍ତ କର୍ମଫଳ ମନୁଷ୍ୟ ହାତରେ ନ ରହି ସେହି ସର୍ବଜ୍ଞ ଈଶ୍ୱରଙ୍କ ହାତରେ ଥିବାରୁ ତାଙ୍କର ଶରଣାଗତ ହୋଇ ଆମେ ନିଜର କାର୍ଯ୍ୟକୁ ସମ୍ପାଦନ କରିବା ଉଚିତ ।

*-ସ୍ତମ୍ଭକାର ତଥା ସମ୍ପାଦକ, ମାର୍ଗଦର୍ଶୀ, ମେନ୍ ରୋଡ୍, ଖୋର୍ଦ୍ଧା, ମୋ. ନଂ- ୬୩୭୦୬୭୫୫୬୨*



# ମୋ ଓଡ଼ିଶା

## ବୟସ୍କ ଭାରତର ଚାଲେଞ୍ଜ



ଭାରତ ଏକ ବୟସ୍କ ସମାଜ ଆଡ଼କୁ ପରିବର୍ତ୍ତନ ଦେଇ ଗତି କରୁଛି ବୋଲି ସଦ୍ୟ ପ୍ରକାଶିତ ଅର୍ଥନୈତିକ ସର୍ଭେରୁ ଜନସଂଖ୍ୟା ଭିତ୍ତିକ ବିଶ୍ଳେଷଣକୁ ଆଧାର କରି କୁହାଯାଇଛି। ଅର୍ଥାତ୍ ଖୁବ କମ ସମୟ ମଧ୍ୟରେ ଦେଶରେ ବୃଦ୍ଧ ଲୋକଙ୍କ ସଂଖ୍ୟା ଅଧିକ ହେବ। ୨୦୧୧ରେ ମୋଟ ଲୋକସଂଖ୍ୟାରେ ବୁଢ଼ାବୁଢ଼ୀଙ୍କ ସଂଖ୍ୟା ୮.୬ ପ୍ରତିଶତ ଥିବା ବେଳେ ୨୦୪୧ ବେଳକୁ ତାହା ୨୫ ପ୍ରତିଶତରେ ପହ□ିବ। ଏହି ପରିବର୍ତ୍ତନର ପ୍ରଭାବ ନୀତି ପ୍ରଣୟନକାରୀମାନଙ୍କ ଉପରେ ଯଥେଷ୍ଟ ଅଧିକ ପଡ଼ିବ। ଉଲ୍ଲେଖନୀୟ ବିଷୟ ହେଲା ଆଗରୁ ଜନ୍ମହାର କମ୍ ଥିବା ଦକ୍ଷିଣ ଭାରତ ସାଙ୍ଗକୁ ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ଗର୍ଭଧାନହାର ନିମ୍ନଗାମୀ ହୋଇଥିବାବେଳେ ଉଚ୍ଚତର ଜନ୍ମହାର ପାଇଁ ଜଣାଶୁଣା ଉତ୍ତର ଭାରତରେ ବି ହିମାଳୟ ପ୍ରଦେଶ ଓ ପଞ୍ଜାବ ପରି ରାଜ୍ୟ ସେହି ଧାରାକୁ ଆସିଗଲେଣି। ଏସବୁ ରାଜ୍ୟରେ ଜନ୍ମହ୍ରାସ ଯୋଗୁଁ ଯୁବକଙ୍କ ସଂଖ୍ୟା କମୁଛି। ପୃଥିବୀର ଦ୍ୱିତୀୟ ଜନବହୁଳ ରାଷ୍ଟ୍ରଭାବେ ପରିଗଣିତ ଭାରତ ଅଳ୍ପ କେଇ ବର୍ଷ ଭିତରେ ଚୀନକୁ ଟପି ସବୁଠାରୁ ଜନବହୁଳ ରାଷ୍ଟ୍ର ହେବ ବୋଲି କୁହାଯାଉଛି। ତାସତ୍ତ୍ୱେ ଦେଶରେ ଜନ୍ମହାର କମୁଛି। ସ୍ୱାଧୀନତା ପରେ ଦେଶରେ ଉଭୟ ଜନ୍ମ ଓ ମୃତ୍ୟୁହାର ଉଚ୍ଚଥିଲା। ଗତ କିଛି ବର୍ଷ ମଧ୍ୟରେ ଉଭୟ ହାର ହ୍ରାସ ପାଉଛି। ତାହା ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ତଥା ଆୟୁହାର ବୃଦ୍ଧି କ୍ଷେତ୍ରରେ ବଡ଼ସଫଳତା। କିନ୍ତୁ ଏଥର ଅର୍ଥନୈତିକ ସର୍ଭେରେ ଯେଉଁ ନୂଆ ଧାରାର ଅବତାରଣା କରାଯାଇଛି ତାହା ଆଗାମୀ ଦିନର ଯୋଜନା ପ୍ରଣୟନକାରୀ ମାନଙ୍କ ପାଇଁ ଏକ ଚାଲେଞ୍ଜ ହେବ। ବିଡ଼ମ୍ବନାର ବିଷୟ ଯେ, ଅନ୍ୟ ଦେଶ ମାନଙ୍କ ତୁଳନାରେ ଭାରତ ତାର ଜନସଂଖ୍ୟାର ସ୍ୱାତନ୍ତ୍ରତା ଯୋଗୁଁ ଯେଉଁ ଫାଇଦା ନେବା କଥା ତାହା ନେଇପାରିନଥିବା ବେଳେ ସର୍ଭେ ଏକ ବିପରୀତ ଆହ୍ୱାନ ଆଣି ଦେଇଛି। ଜନସଂଖ୍ୟାରେ ଯୁବକଙ୍କ ସଂଖ୍ୟା ଅଧିକ ଥିବାରୁ ଭାରତ ସେମାନଙ୍କର ଉତ୍ପାଦିକା ଶକ୍ତିର ଫାଇଦା ପାଇବା କଥା। କିନ୍ତୁ ତାହା ଏଯାଏଁ ହୋଇପାରିନାହିଁ। କାରଣ ସେମାନଙ୍କୁ ନିଯୁକ୍ତି ଦିଆଯାଇପାରୁନାହିଁ। ଏବେକାର ଜନସଂଖ୍ୟାରେ ବେକାରଙ୍କ ହାର ବେଶୀ। ଏହି ଅବସ୍ଥାରେ ଅର୍ଥନୈତିକ ସର୍ଭେ କହିଛି ଯେ ଖୁବଶୀଘ୍ର ଦେଶର ଜନସଂଖ୍ୟାରେ ଯୁବକଙ୍କ ଅପେକ୍ଷା ବୁଢ଼ାଙ୍କ ସଂଖ୍ୟା ବଢ଼ିଯିବ ଓ ସେହି କାରଣରୁ ଅବସର ସମୟ ୭୦ବର୍ଷକୁ ବଢ଼ାଇବା ଆବଶ୍ୟକ ହୋଇପାରେ। ପ୍ରକୃତରେ ଦେଶର ଏବେକାର ସ୍ଥିତି ପରିପ୍ରେକ୍ଷୀରେ ସର୍ଭେ ଉପସ୍ଥାପନ କରିଥିବା ଭବିଷ୍ୟତ ଚିତ୍ର ଅନେକଙ୍କୁ ଚକିତ କରିପାରେ। ସର୍ଭେରେ କୁହାଯାଇଛି ଯେ, ଜନସଂଖ୍ୟା ହ୍ରାସ ଯୋଗୁଁ ପ୍ରାଥମିକ ସ୍କୁଲ ଗୁଡ଼ିକରେ ଛାତ୍ରଛାତ୍ରୀ ମିଳିବନାହିଁ। ଏଣୁ ସ୍କୁଲ ଗୁଡ଼ିକୁ ମିଶାଇ ଦେବାକୁ ପଡ଼ିବ। ଭାରତର କର୍ମକ୍ଷମ ବୟସ ଲୋକ ସଂଖ୍ୟା ୨୦୪୧ ବେଳକୁ ସର୍ବୋଚ୍ଚ ସ୍ତରରେ ପହ□ିବ। ଏଣୁ ଏହି ସମୟରେ ନିଯୁକ୍ତି ପରିସରକୁ ବ୍ୟାପକ କରିବାକୁ ହେବ। ଗତ ପା□ ବର୍ଷରେ ନରେନ୍ଦ୍ର ମୋଦି ସରକାର ନିଯୁକ୍ତି କ୍ଷେତ୍ରରେ ଘୋଷିତ ପ୍ରତିଶ୍ରୁତିକୁ ପୂରଣ କରିପାରିନଥିଲେ ସୁଦ୍ଧା ପୁନଃନିର୍ବାଚିତ ହୋଇଛି। ଏଣୁ ଆଗାମୀ ପା□ ବର୍ଷରେ ସରକାରଙ୍କ ପାଖରେ ନିଯୁକ୍ତି ଚାଲେଞ୍ଜ ରହିବ। ଅର୍ଥନୈତିକ ସର୍ଭେରେ ଜନସଂଖ୍ୟାର ଯେଉଁ ଭବିଷ୍ୟତ ସମଗ୍ର ପୃଥିବୀର ଧାରା। ସବୁ ସମୃଦ୍ଧ ଦେଶରେ ଜନ୍ମହାର କମି ଯୁବକଙ୍କ ଅପେକ୍ଷା ବୟୋବୃଦ୍ଧଙ୍କ ସଂଖ୍ୟା ବଢ଼ିଚାଲିଛି। ସବୁଠାରୁ ଜନବହୁଳ ରାଷ୍ଟ୍ର ଚୀନ କଠୋର ଜନ୍ମ ନିୟନ୍ତ୍ରଣ ନିୟମ ଲାଗୁ କରି ସେହି ଧାରାକୁ ପ୍ରାୟତଃ ଆସିଗଲାଣି। ଚୀନରେ ବୟସ୍କ ଜନସଂଖ୍ୟା ସମସ୍ୟାର ମୁକାବିଲା ପାଇଁ ସେଠାକାର ସରକାର ଏବେ ପୂର୍ବର ଏକ ସନ୍ତାନ ନୀତି ବଦଳରେ ଦ୍ୱିତୀୟ ସନ୍ତାନ ଜନ୍ମକୁ ଉତ୍ସାହିତ କରୁଛନ୍ତି। କିନ୍ତୁ ଲୋକେ ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଅର୍ଥନୈତିକ ପ୍ରଗତି ଓ ଜନ୍ମହାର ନିୟନ୍ତ୍ରଣ ହାସଲ ହୋଇଥିବା ଦେଶ ମାନଙ୍କରେ ଲୋକେ ଆଉ ଅଧିକ ସନ୍ତାନ ଚାହୁଁନାହାନ୍ତି। ଭାରତ ମଧ୍ୟ ଏକ ସମୟରେ ସେହି ସ୍ଥିତିକୁ ଆସିବ। ଏଠାରେ ଶିକ୍ଷିତ, ସଚେତନ ତଥା ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ପରିବାର ଗୁଡ଼ିକ ୧/୨ ସନ୍ତାନକୁ ଆଗକୁ ଯିବାକୁ ଚାହୁଁନାହାନ୍ତି। ସର୍ବୋପରି ଏକ ଛୋଟ ପରିବାରରର ଫାଇଦା ସମ୍ପ୍ରତି ଅଧିକାଂଶ ସଚେତନ ଭାରତୀୟଙ୍କୁ ଜନ୍ମ ନିୟନ୍ତ୍ରିତର ସପକ୍ଷବାଦୀ କରିଛି। ଏହି କାରଣରୁ ଧୀରେ ଧୀରେ ଦେଶରେ କର୍ମକ୍ଷମ ବୟସର ଲୋକଙ୍କ ସଂଖ୍ୟା କମିବ। ଏହି କମିବା ଧାରା ୨୦୩୧ରୁ ୨୦୪୧ ମଧ୍ୟରେ ପ୍ରକଟିତ ହେବ। ଏହାକୁ ଦେଖିଲେ କୁହାଯାଇପାରେ ଯେ ସର୍ଭେ ସୂଚାଇଥିବା ସଙ୍କଟ ପାଇଁ ବେଶ ସମୟ ବାକି ଅଛି। ଏହାମଧ୍ୟରେ ବର୍ଦ୍ଧିଷ୍ଣୁ ଯୁବଶ୍ରେଣୀ ପାଇଁ ଉପଯୁକ୍ତ ଶିକ୍ଷା, ତାଲିମ ଓ ନିଯୁକ୍ତି ସୃଷ୍ଟିକୁ ଅଗ୍ରାଧିକାର ଦିଆଯାଉ। ସେମାନଙ୍କ ଉତ୍ପାଦନ ସାମର୍ଥ୍ୟର ପୂର୍ଣ୍ଣ ଉପଯୋଗ କରାଯାଉ। ତାହା ଅର୍ଥନୈତିକକୁ ମଧ୍ୟବର୍ତ୍ତୀ କାଳୀନ ସମୟରେ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ନଚେତ୍ କେତେକ ବିଶେଷଜ୍ଞ କହିଲେ ଯେ, ଭାରତ ଧନୀ ହେବା ଆଗରୁ ବୁଢ଼ା ହୋଇ ଯାଇଥିବ। କାରଣ ଏବେ ଦେଶରେ ଥିବା ବଳକା ଶ୍ରମଶକ୍ତି ବା ଯୁବଶ୍ରେଣୀ ବେକାର ହୋଇ ଅର୍ଥନୀତିକୁ କୌଣସି ସାହାଯ୍ୟ କରିପାରିବେ ନାହିଁ। ସେମାନଙ୍କ ସମୟ ଚାଲିଗଲା ବେଳକୁ ଜନସଂଖ୍ୟାରେ ଯୁବକଙ୍କ ଅପେକ୍ଷା ବୟୋଜ୍ୟେଷ୍ଠଙ୍କ ହାର ବଢ଼ିଯାଇଥିବ। ଅବଶ୍ୟ ସର୍ଭେ ଦର୍ଶାଇଥିବା ଧାରା ପାଇଁ ବି ଦେଶ ପ୍ରସ୍ତୁତ ରହିବା ଉଚିତ।

**ରଘୁନାଥ ମହାପାତ୍ର**, ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ : ୯୨୩୮୬୩୨୬୫୦

## ବିଶ୍ୱ ନିବେଶକ ସପ୍ତାହ ପାଳିତ



ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ କାଜିପାଟଣାରେ ଆନ୍ତର୍ଜାତୀୟ ନିବେଶକ ସପ୍ତାହ ପାଳିତ ହୋଇଯାଇଛି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ଼ (ସେବି) ଓ ଅଭ୍ୟୁତ୍ଥାନ ଫାଉଣ୍ଡେସନ ଚାରିଟେବଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ନିର୍ଦ୍ଦେଶକ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କ ପୂର୍ବତନ ସିଜିଏମ ଦାଶରଥି ମିଶ୍ର ଅଧକ୍ଷତା କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ କ୍ଷୀରୋଦଚନ୍ଦ୍ର ପାତ୍ର ଡିଜିଟାଲ ବ୍ୟାଙ୍କିଙ୍ଗ, ଅଟଳ ପେନସନ ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ବିଷୟରେ ଆଲୋକପାତ କରିବା ସହିତ ବ୍ୟାଙ୍କ-ଆର୍ଥିକ ସୁରକ୍ଷା ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ବିଜୟକୁମାର ପାଲ, ଶିବଚରଣ ମହାନ୍ତି, ଦେବରାଜ ମିଶ୍ର, ବୈଦ୍ୟନାଥ ସାହୁ, କେଶବ ସ୍ୱାଇଁ, ସୁବାସଚନ୍ଦ୍ର ସ୍ୱାଇଁ, ବ୍ରହ୍ମାନନ୍ଦ ସେନାପତି, କିଶୋର ପ୍ରଧାନ, ବୈଦ୍ୟନାଥ ସ୍ୱାଇଁ, ରାଜକିଶୋର ପରିଡ଼ା ଓ ପ୍ରମୋଦକୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସୁରକ୍ଷିତ ନିବେଶ ଓ ଜମା ସଂକ୍ରାନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଜଙ୍ଗଲ ସଂରକ୍ଷଣରେ ଠେଙ୍ଗାପାଳି



ରାମାୟଣ କାହାଣୀରୁ ମିଳେ ଯେ ଏକଦା ସୀତା ତାଙ୍କ ପୁତ୍ର ଲବ ଓ କୁଶଙ୍କୁ ନେଇ ଜଙ୍ଗଲକୁ ହୋମକାଠ ବା ସମିଧ ସଂଗ୍ରହ ପାଇଁ ଯାଉଥିଲେ। ହଠାତ୍ କୁଶ କାତିଟିଏ ଧରି ଗୋଟେ କଂଚା ଡାଳ କାଟିବାକୁ ଯାଆନ୍ତେ ସୀତା ତାକୁ ଅଟକାଇ କହିଲେ, "ଥାଉ ଜୀଅନ୍ତା ଗଛରେ କଟୁରୀ ମାର ନାହିଁ, ବୃକ୍ଷଦେବତାଙ୍କୁ ବଂଚିବାକୁ ଦିଆଯାଉ। କେବଳ ଶୁଖିଲା କାଠ ସଂଗ୍ରହ କର।" ଏ ପଂକ୍ତିଟି ଅରଣ୍ୟ ସଂରକ୍ଷଣର ଏକ ଦୃଷ୍ଟାନ୍ତ। ଏହା ସ୍ପଷ୍ଟ କରିଦିଏ ଯେ ଦୂର ଅତୀତରୁ ଲୋକେ ହଜାର ହଜାର ବର୍ଷ ଧରି ଅରଣ୍ୟକୁ ସୁରକ୍ଷା ଦେଇ ଆସୁଥିଲେ। ଭାରତ କଥା କହିଲେ ୧୮୭୦ ମସିହାରେ ବ୍ରିଟିଶ ସରକାର ଜଙ୍ଗଲକୁ ସରକାରଙ୍କ ଅଧୀନକୁ ନେଲେ। ସେବେଠୁ ଆରମ୍ଭ ହୋଇଛି ଅରଣ୍ୟର ଅବକ୍ଷୟ। ସଂପ୍ରତି ଜଙ୍ଗଲ ସଂରକ୍ଷଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ସରକାର ଯୌଥ ଜଙ୍ଗଲ ପରିଚାଳନା ଅର୍ଥାତ୍ ସରକାର ଓ ଲୋକଙ୍କ ପାଇଁ ଲୋକମାନଙ୍କୁ ପ୍ରବର୍ତାଉଛନ୍ତି। କିଛି ଯାଗାରେ କେତେକାଂଶରେ ସଫଳ ହେଉଛନ୍ତି। ଏନେଇ ସରକାରୀ ପ୍ରୋତ୍ସାହନରେ ବନସୁରକ୍ଷା ସମିତି ଗଠନ କରାଯାଉଛି ଏବଂ ଜଙ୍ଗଲ ସଂରକ୍ଷଣ ନେଇ କୋଟି କୋଟି ଟଙ୍କା ବ୍ୟୟ ବରାଦ ହୋଇ ଖର୍ଚ୍ଚ ହେଉଛି। ଅଥଚ ଏହାର ଆଶାନୁରୂପ ସଫଳତା ମିଳୁନାହିଁ। ଅନ୍ୟପକ୍ଷରେ ରକ୍ଷକମାନେ ଭକ୍ଷକ ସାଜିଛନ୍ତି। ଏପରିସ୍ଥଳେ ଜଙ୍ଗଲର ଅବକ୍ଷୟ ରୋକି ହେଉନାହିଁ। ଏଣୁ ଦ୍ରୁତବେଗରେ ଜଙ୍ଗଲ ହ୍ରାସ ଘଟୁଛି। ଜଙ୍ଗଲର ସୁରକ୍ଷା ନିମନ୍ତେ ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ଷେତ୍ରରେ ନିଶ୍ଚୟ ଚିନ୍ତା କରାଯାଉଛି। ସେଥିପାଇଁ ସଚେତନତା ସୃଷ୍ଟିରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହେଉଛି। ପରିବେଶ ଦିବସ ଓ ବନ ମହୋତ୍ସବ ସପ୍ତାହ ପାଳନ ଇତ୍ୟାଦି ବ୍ୟବସ୍ଥା ଅଛି। କିନ୍ତୁ ଏଗୁଡ଼ିକର ପ୍ରଭାବ ବା ଫଳ 'ଶୂନ' ମିଳୁଛି, ଏଥିପାଇଁ ଯେ ଏଗୁଡ଼ିକ ଭାଷଣବାଜିରେ ଧୋବ ଧୋବଳିଆ ଏବଂ ତଥାକଥିତ ବଡ଼ବଡ଼ିଆମାନଙ୍କୁ ନେଇ ସହରର କୋଉ ହୋଟେଲର 'ବ୍ୟବସ୍ଥାପିତ କକ୍ଷ' ବା 'ଭବନ'ରେ ଚାଲିଛି। ଏହା ବାସ୍ତବ କ୍ଷେତ୍ରରେ କିଛି ପ୍ରଭାବ ପକାଏ ନାହିଁ। ଜଙ୍ଗଲ ସଂରକ୍ଷଣ ପାଇଁ ସରକାରୀ ନୀତି ଅଥବା କୌଣସି ପରିବେଶବିତ୍‌ମାନଙ୍କର ମନ୍ତବ୍ୟ କେବଳ ଖବରକାଗଜ ପୃଷ୍ଠାରେ ଅବା ଅନ୍ୟ କୌଣସି ଗଣମାଧ୍ୟମରେ ପ୍ରକାଶିତ ବା ପ୍ରସାରିତ ହେଉଛି ଯାହାକି କେବଳ ନିଜସ୍ୱ ଡିଣ୍ଡିମା ବଜେଇବା ଛଡ଼ା ଅନ୍ୟ କିଛି ନୁହେଁ।

ଜଙ୍ଗଲ ସଂରକ୍ଷଣ କଥା କହିଲେ ଆସନ୍ତୁ "ଠେଙ୍ଗାପାଳି"କୁ ଆସିବା। ଠେଙ୍ଗାପାଳି କହିଲେ ଗଉଡ଼ମାନେ ଠେଙ୍ଗା ବା ବାଡ଼ି ଧରି ଗାଈପଲ ଜଗିଲା ପରି ଜଙ୍ଗଲକୁ ଲୋକମାନଙ୍କ ଦ୍ୱାରା ସୁରକ୍ଷା ଦେବାରେ ଠେଙ୍ଗାଧରି ଗ୍ରାମବାସୀ ବା ଲୋକମାନେ ପାଳି କରି ଜଗିବାକୁ ବୁଝାଏ। ସରକାରୀ ସ୍ତରରେ ଜଙ୍ଗଲ ଜଗିବା ପାଇଁ ଜଙ୍ଗଲ ରକ୍ଷୀ ବା ଫରେଷ୍ଟଗାର୍ଡ ଅଛନ୍ତି। କିନ୍ତୁ ଠେଙ୍ଗାପାଳି ଏକ ବେସରକାରୀ ତଥା ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ। ଏହା ଏକ ନିର୍ଦ୍ଦିଷ୍ଟ ଗ୍ରାମାଂଚଳରେ କାର୍ଯ୍ୟକାରୀ ହୋଇଥାଏ। ଏ ପ୍ରକାର କାର୍ଯ୍ୟକାରିତା କ୍ରମେ ପରିବେଶବିତ୍ ଡ. ନାରାୟଣୀ ହଜାରୀଙ୍କ ତତ୍ତ୍ୱାବଧାନ ଏବଂ ନେତୃତ୍ୱରେ ପ୍ରଥମେ ନୟାଗଡ଼ଠାରୁ ଏଗାର କିଲୋମିଟର ଦୂରରେ ବନ୍ଧଗ୍ରାମ (କେଶରପୁର), ପୁଆଣିଆ, ଆଙ୍ଗିସିଙ୍ଗ, ଚାମୌଲ, କନ୍‌ଟାବଣିଆ, ସାନଗୋରଡ଼ା, ବଡ଼ଗୋରଡ଼ା, ନାଗମୁଣ୍ଡଳି,ମାନପୁର ଓ ଗମ୍ଭାରିଡିହି ପ୍ରଭୃତି ୧୩ଟି ଗ୍ରାମରେ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ୧୦୦ଟି ଗ୍ରାମକୁ ନେଇ 'ଚୂଲିଚାନ୍ଦା' ପାଣ୍ଠି ସଂଗ୍ରହ ପାଇଁ ପ୍ରସାରିତ ହୋଇ ଠେଙ୍ଗାପାଳି କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା। ଏହି ସବୁ ଗ୍ରାମମାନଙ୍କର ଘର ପ୍ରତି ବା ଗାଁ ପ୍ରତି ଜଣେ ଲେଖାଏଁ ପାଳିକରି ଗାଁ ସଂଲଗ୍ନ ପାହାଡ଼, ମୁଣ୍ଡିଆ ଏବଂ ଆଂଚଳିକ ଜଙ୍ଗଲକୁ ସୁରକ୍ଷା ଦେବାର ବ୍ୟବସ୍ଥା ହୋଇଥିଲା। ଏହା ପ୍ରଭାବରେ ନୂତନ ଜଙ୍ଗଲ ସୃଷ୍ଟି ସହ ନଣ୍ଡାମୁଣ୍ଡିଆଗୁଡ଼ିକ ସବୁଜିମାର ଶ୍ରୀଶୋଭାରେ ମଣ୍ଡିତ ହୋଇଥିଲା। ଏହି ଯୋଜନାର କାର୍ଯ୍ୟକ୍ରମ ସୁଦୂରପ୍ରସାରୀ ଥିଲା। ଫଳରେ ନୟାଗଡ଼ର ବନ୍ଧଗ୍ରାମ (କେଶରପୁର) ଜାତିସଂଘର ପୃଥିବୀ ପରିବେଶ ପୁରସ୍କାର, ଭାରତ ସରକାରଙ୍କ ବୃକ୍ଷମିତ୍ର ପୁରସ୍କାର ଏବଂ ଓଡ଼ିଶା ସରକାରଙ୍କର ପ୍ରକୃତିମିତ୍ର ପୁରସ୍କାର ଲାଭ କରିଛି। ଯେତେବେଳେ ପରିବେଶ ବଂଚାଅ ଆନ୍ଦୋଳନ ୧୯୭୨ରୁ ଆରମ୍ଭ ହେଲା, ସେତେବେଳେ ନୟାଗଡ଼ର ଏ ଅଂଚଳରେ ଠେଙ୍ଗାପାଳି ରୀତିମତ ଚାଲିଥିଲା। ଅବଶ୍ୟ ଏବେ ଏହା ଧିମେଇ ଯାଇ କିଛି ଅଂଚଳରେ ସୀମିତ ଅଛି। ବୋଧହୁଏ ଡ. ନାରାୟଣ ହଜାରୀଙ୍କୁ ବାର୍ଦ୍ଧକ୍ୟଜନିତ ଦୁର୍ବଳତା କାରଣରୁ ସେ ଅଂଚଳରେ ପ୍ରୋତ୍ସାହନ ଅଭାବ ରହିଯାଇଛି। କିନ୍ତୁ ଚେଷ୍ଟା ତାଙ୍କର ଏତେ ପ୍ରଭାବଶାଳୀ ଯେ ଏହା ପୃଥିବୀବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅରଣ୍ୟ ସଂରକ୍ଷଣ ନିମନ୍ତେ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ନିଶ୍ଚିତ କରି ଲଣ୍ଡନ ବିଶ୍ୱବିଦ୍ୟାଳୟ ଏବଂ ବିଦ୍ୟାଳୟ ପାଠକ୍ରମରେ ଏହା ସ୍ଥାନ ପାଇ ପଢ଼ାଯାଉଛି। ଅଥଚ ଏ ବିଦ୍ୟା ଏଠି ଉପେକ୍ଷିତ ଏବଂ ଡ. ହଜାରୀ ଏଠି ପାଲଟି ଯାଇଛନ୍ତି ଶ୍ମଶାନ ତୁଳସୀ। ଆମ ପରିବେଶ ଆମ ଜୀବନ। ଜଙ୍ଗଲ ହିଁ ମଂଗଳ। ଏହାକୁ ଅବିଚାରିତ ଭାବରେ ଛେଦନ କରାନଯାଉ। ଖଣି ଶିଳ୍ପ ବା କାରିଗରୀକୁ ନେଇ ଏହାକୁ ଧ୍ୱଂସ କରାନଯାଉ।

ଜଙ୍ଗଲ ପ୍ରକୃତିର ସୌନ୍ଦର୍ଯ୍ୟର ଉତ୍ସ, ବର୍ଷାର ଗୋଡ଼, ମୃର୍ତ୍ତିକା ଓ ଜଳ ସଂରକ୍ଷକ, ଜଳଚକ୍ର ନିୟନ୍ତ୍ରକ, ଔଷଧ ବୃକ୍ଷର ଉତ୍ସ, ଖାଦ୍ୟବସ୍ତ୍ର, ପାନୀୟ, ଗୃହଉପକରଣର ଭଣ୍ଡାର, ବଣ୍ୟ ଜୀବଜନ୍ତୁ ଓ ପକ୍ଷୀମାନଙ୍କର ଆଶ୍ରୟସ୍ଥଳୀ ଏବଂ ଆମ ଜୀବନ ପାଇଁ ଅମ୍ଳଜାନର ସର୍ବବୃହତ୍ ଭଣ୍ଡାର, ଜଙ୍ଗଲ ଲୋପରେ ସବୁର ବିଲୋପ। ଗୋଟିଏ ଗଛ କୋଟିଏ ଜୀବନ।

ଏବେ ଆମେ ଜଙ୍ଗଲ ବଂଚାଇବାର ବେଳ। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନବଢ଼ାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ। ଏଣୁ ଏହାର ଜରୁରୀ ନିରାକରଣ ଖାଲି ଜନସଚେତନତାରେ ସମ୍ଭବ ନୁହେଁ। ସେଥିପାଇଁ ଆମକୁ ଅରଣ୍ୟ ପାଦଦେଶରେ ଥିବା ଗ୍ରାମମାନଙ୍କରେ ଠେଙ୍ଗାପାଳି କରିବାକୁ ହେବ। ଠେଙ୍ଗାପାଳି ବିଦ୍ୟା ପାଠ୍ୟପୁସ୍ତକରେ ସନ୍ନିବେଶିତ ହେବା ଉଚିତ୍।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

## ସମସ୍ତଙ୍କ ପାଇଁ ସମାନ ଜନସଂଖ୍ୟା ନୀତି, ମାତୃଭାଷାରେ ଶିକ୍ଷା ଏବଂ ଆତ୍ମନିର୍ଭର ଭାରତ ପାଇଁ ପ୍ରଚେଷ୍ଟା




ଭୁବନେଶ୍ୱର (ପିଏନ୍): ୨୦୦୧ ମସିହାରେ ଜନସଂଖ୍ୟା ନିୟନ୍ତ୍ରଣ ନୀତି ଲାଗୁହେବା ପରେ ଜନସଂଖ୍ୟା ବୃଦ୍ଧିର ଟି.ଏଫ୍.ଆର. ବା ଦମ୍ପତିମାନଙ୍କର ହାରାହାରି ପ୍ରଜନନ ହାର ୩.୪ ରୁ କମି ୧.୯ରେ ପହଁଚିଛି । କିନ୍ତୁ ଏହି ଜନସଂଖ୍ୟା ନିୟନ୍ତ୍ରଣରେ ଅନେକ ଅସନ୍ତୁଳନ ଅଛି । କାରଣ ବିଭିନ୍ନ ବର୍ଗର ଦମ୍ପତିମାନଙ୍କର ପ୍ରଜନନ ହାରରେ ବେଶ ତାରତମ୍ୟ ରହିଛି ଏବଂ ଅନ୍ୟ କାରଣଗୁଡିକ ହେଉଛି ସୀମାବର୍ତ୍ତି ଅଂଚଳରେ ଅନୁପ୍ରବେଶର ବୃଦ୍ଧି ଓ ବିଭିନ୍ନ ସ୍ଥାନରେ ବେଆଇନ ଧର୍ମାନ୍ତରୀକରଣ । ଯେଉଁ କାରଣରୁ ଦେଶରେ ଜନସଂଖ୍ୟାର ଠିକ୍ ସନ୍ତୁଳନ ହୋଇ ପାରୁନାହିଁ । ଏହି ତ୍ରୁଟି କାରଣରୁ ଅତୀତରେ ଆମ ଦେଶର ବିଭାଜନ ହୋଇଛି ଏବଂ ଇଣ୍ଡୋନେସିଆ ଓ ସୁଦାନ ଭଳି ଦେଶ ମଧ୍ୟ ବିଭାଜନର ଶିକାର ହୋଇଛନ୍ତି । ଆଜି ଭାରତ ଏକ ଯୁବାଦେଶ କିନ୍ତୁ ଆଉ କିଛି ବର୍ଷ ପରେ ଏହା ବୃଦ୍ଧମାନଙ୍କ ଦେଶରେ ପରିଣତ ହେବ । ଏସବୁ ଗୁଡିକର ନିରାକରଣ ପାଇଁ ଉପଯୁକ୍ତ ଜନସଂଖ୍ୟା ନୀତି ପ୍ରଣୟନ ହେବା ଦରକାର । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକାରୀ ମଣ୍ଡଳ ବୈଠକରେ ଏହି ବିଷୟ ଗୁଡିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଶ୍ରୀ ମହାନ୍ତି ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟ ପ୍ରକାଶ କରି କହିଥିଲେ ଯେ, ଏହି ବୈଠକ ପ୍ରୟାଗରାଜର ଗୌହନିୟା ସ୍ଥିତ ବାତ୍ସଲ୍ୟ ବିଦ୍ୟାଳୟ ପରିସରରେ ଅକ୍ଟୋବର ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସରସଂଘଚାଳକ ଡ.ମୋହନ ଭାଗବତ ଓ ସରକାର୍ଯ୍ୟବାହ ଦତାତ୍ରେୟ ହୋସଓ୍ୱାଲେ ପୂର୍ଣ୍ଣ ସମୟ ଧରି ଉକ୍ତ ବୈଠକରେ ଉପସ୍ଥିତ ଥିଲେ । ଏଥିରେ ସମଗ୍ର ଭାରତର ୩୭୯ ସଦସ୍ୟ ମଧ୍ୟରୁ ୩୭୨ ସଦସ୍ୟ ଯୋଗ ଦେଇଥିଲେ । ଓଡିଶାରୁ ୧୪ ଜଣଙ୍କ ମଧ୍ୟରୁ ୧୩ ଜଣ ଯୋଗ ଦେଇଥିଲେ । ଏହି ବୈଠକରେ ନୂତନ ଶିକ୍ଷାନୀତି ପ୍ରଚଳନ ଦ୍ୱାରା ମାତୃଭାଷା ମାଧ୍ୟମରେ ବିଦ୍ୟାଳୟ ଗୁଡିକରେ ଶିକ୍ଷାଦେବାର ବ୍ୟବସ୍ଥା କରିବା ପାଇଁ ଆହ୍ୱାନ କରାଯାଇଛି । ଯୁବ ସମାଜକୁ ରୋଜଗାର ନିମିତ୍ତ ଚାକିରୀ ପରିବର୍ତ୍ତେ ଆତ୍ମନିର୍ଭରଶୀଳ ହେବା ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଛି । ଏହାର ସୁଫଳ ମଧ୍ୟ ଦେଶରେ ଦେଖିବାକୁ ମିଳିଲାଣି । କାରଣ ୨୦୧୪ ମସିହାରେ ଆମ ଦେଶରେ ଷ୍ଟାଟ ଅପ୍ ସଂଖ୍ୟା ୫୦୦ ଥିଲା ବେଳେ ବର୍ତ୍ତମାନ ଏହା ବଢି ୬୦,୦୦୦ରୁ ଉର୍ଦ୍ଧ୍ୱରେ ପହଁଚିଲାଣି । ବୈଠକରେ ଆସିଥିବା ବିବରଣୀ ଅନୁସାରେ ଗତ ଏକ ବର୍ଷ ଭିତରେ ଦୈନିକ ଶାଖା ସଂଖ୍ୟାରେ ୬,୦୦୦,ସାପ୍ତାହିକ ଶାଖା ସଂଖ୍ୟାରେ ୪,୦୦୦ ଓ ମାସିକ ଶାଖା ସଂଖ୍ୟାରେ ୧,୮୦୦ ବୃଦ୍ଧି ଘଟିଛି । ସମଗ୍ର ଦେଶରେ ବର୍ତ୍ତମାନ ୬୧,୦୪୫ ଦୈନିକ ଶାଖା, ୨୨,୦୭୭ ସାପ୍ତାହିକ ଶାଖା ଓ ୯,୦୭୧ ମାସିକ ଶାଖା ଚାଲୁଅଛି । ଓଡିଶାରେ ମଧ୍ୟ ଦୈନିକ ଶାଖା ୧,୩୯୦,ସାପ୍ତାହିକ ଶାଖା ୩୦୪ ଓ ମାସିକ ୮୪ ଶାଖା ଚାଲୁଅଛି । ବିଗତ ୪ ବର୍ଷ ମଧ୍ୟରେ ୬,୦୦,୦୦୦ ଯୁବକ ଜଏନ ଆର.ଏସ୍.ଏସ୍ ମାଧ୍ୟମରେ ସଂଘର ସଦସ୍ୟତା ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି । ସେମାନଙ୍କ ଭିତରେ ୨୩,୦୦୦ ମହିଳା ମଧ୍ୟ ଅଛନ୍ତି । ୨୦୨୫ ମସିହା ସୁଦ୍ଧା ସଂଘର ଏକଶହ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରୁ ୪୦୦୦ ଶତାବ୍ଦୀ ବିସ୍ତାରକ ବାହାରିବା ପାଇଁ ଆହ୍ୱାନ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୩୦୦୦ ଶତାବ୍ଦୀ ବିସ୍ତାରକ ବାହାରିଛନ୍ତି । ଓଡିଶାରୁ ମଧ୍ୟ ୩୭ ଜଣ ବିସ୍ତାରକ ବାହାରି ସାରିଛନ୍ତି । କରୋନା ବିଭିଷିକା ସମୟରେ ଓଡିଶା ସମେତ ସମସ୍ତ ରାଜ୍ୟରେ ସଂଘ ସେବାସହିତ ଅନ୍ୟ ବିବିଧକାର୍ଯ୍ୟ ମଧ୍ୟ ସମ୍ପାଦିତ କରିଥିଲା । ଦେଶର ସମସ୍ତ କାର୍ଯ୍ୟବିଭାଗରେ ମହିଳାମାନଙ୍କ ଅଧିକ ସହଭାଗିତା ବଢୁ ସେଥିପାଇଁ ସଂଘ ପ୍ରୟାସ କରୁଛି । ମେଘାଳୟ, ତ୍ରିପୁରା ସହିତ ସମଗ୍ର ଉତରପୂର୍ବାଂଚଳ ରାଜ୍ୟମାନଙ୍କରେ ଜନଜାତି ସଂପ୍ରଦାୟର ଲୋକମାନେ ନିଜର ସ୍ୱାଭିମାନ ଜାଗରଣ କାରଣରୁ ସ୍ୱଧର୍ମର ସୁରକ୍ଷା ପାଇଁ ସଂଘ ସହିତ ଯୋଡି ହେବାକୁ ଚାହୁଁଛନ୍ତି ଏବଂ ଏଥିପାଇଁ ସଂଘର ସରସଂଘଚାଳକ ଡ.ମୋହନ ଭାଗବତଙ୍କୁ ମଧ୍ୟ ଆମନ୍ତ୍ରଣ କରୁଛନ୍ତି । ବୈଠକ ପ୍ରାରମ୍ଭରେ ଦେଶର ଦିବଙ୍ଗତ ନେତା ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଓଡିଶାର ସ୍ୱର୍ଗତଃ ପଦ୍ମଶ୍ରୀ ଡ.ରଜତ କର, ଜୟନ୍ତୀ ପଟ୍ଟନାୟକ, ବିଷ୍ଣୁ ସେଠୀ, ମନୋରଂଜନ ପାତ୍ର, ବୀଣାପାଣି ମହାନ୍ତି, ପାଣୁ ମାଝି ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ କ୍ଷେତ୍ରକାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ଓ ସହପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ୍): ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିବସ ଅବସରରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଖୋର୍ଦ୍ଧା ତରଫରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ ଜନତାଦଳ ଜିଲ୍ଲା ସଭାପିତି ରାଜେଶ ପରିଡା ଓ ଛାତ୍ର ଜନତାଦଳ ଜିଲ୍ଲା ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ସଂଯୋଜନାରେ ଛାତ୍ର ବିଜେଡି ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରର ଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ରାଜ୍ୟସଭା ସାଂସଦ ମିଜିବୁଲା ଖାନ୍ (ମୁନା), ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ବିଜେଡି ଜିଲ୍ଲା ସଭାପତି ବିଭୁତିଭୂଷଣ ବଳବନ୍ତରାୟ, ଓଡିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧାବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ରାଜ୍ୟ ସମ୍ପାଦକ ରୁଦ୍ର ସାମନ୍ତରାୟ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅମିତ ମହାରଣା, ଛାତ୍ର ବିଜେଡି ମହାସଚିବ ଇପ୍ସିତା ସାହୁ, ଛାତ୍ର ବିଜେଡି ବରିଷ୍ଠ ଉପସଭାପତି ପ୍ରଦୋଷ ପରିଡା, ଖୋର୍ଦ୍ଧା ପର୍ଯ୍ୟବେକ୍ଷକ ଦେବୀପ୍ରସାଦ ଲେଙ୍କା, ବିସିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଆଶାଶ୍ରୀ ସାହୁ, ରାଜେଶ ପାଣି, ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ଉପସଭାପତି ଦିଲିପ କୁମାର ହୋତା, ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ ଗୀତାଞ୍ଜଳୀ ପାଟଶାଣୀ ପ୍ରମୁଖଙ୍କ ସମେତ ବହୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ କର୍ମକର୍ତା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ବହୁ ଛାତ୍ରଛାତ୍ରୀ, ଜିଲ୍ଲାର ବହୁ ଉତ୍ସାହୀ ଯୁବକ ପ୍ରମୁଖ ଯୋଗଦେଇ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ । ଏଠାରେ ୧୫୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି ଅବସରରେ ଶିବିର ନିକଟରେ କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ଫଟୋ କଟିଂ ସହ କରାଯାଇଥିବା ସେଲ୍ଫି ପଏଂଟରେ ପ୍ରବଳ ଭିଡ ଜମିଥିବା ପରିଲକ୍ଷିତ ହୋଇଥିଲା । ଶିବିରକୁ ପରିଚାଳନାରେ ଦେବୀପ୍ରସାଦ ଦାସ, ସଂଗ୍ରାମ ପ୍ରଧାନ (ଚନ୍ଦନ), ଈଶ୍ୱର ପାଇକରାୟ (ସୁଟୁ ), ଶୁଭ୍ରମ କେଶରୀ ବଡଜେନା, ପ୍ରୀତମ ସୁନ୍ଦରାୟ, ରୁଦ୍ରାଭିଶେକ ମାନଧାତା, ଶୁଭମ ମହାପାତ୍ର, ସୋମେଶ ମହାନ୍ତି, ଚଗ ସାହୁ, ହରପ୍ରିୟ ସାହୁ, ଓ୍ୱାଜେଦା ଜାସମିନ, ବୈଶାଳୀ ଦଳେଇ, ନୁପୁର ସାମନ୍ତସିଂହାର, ସୁମିତ୍ରା ପଟ୍ଟନାୟକ, ଚନ୍ଦନ ପଟ୍ଟନାୟକ, ସ୍ନେହଲତା ମୁର୍ମୁ, ସ୍ୱପ୍ନା ନାୟକ, ଶ୍ରୀଜୀ ସାହୁ ପ୍ରମୁଖ କର୍ମକର୍ତା ସହଯୋଗ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କାଳୀପୂଜା ପାଇଁ ଭୁବନ, ନୂଆହାଟ, ମଣିପୁର ଉତ୍ସବମୁଖର

ଭୁବନ, (ପି.ଏନ): ଶକ୍ତିସ୍ୱରୂପିଣୀ, ଅଭୟଦାୟିନୀ, ଦୁଷ୍ଟନିବାରିଣୀ ମା କାଳୀଙ୍କ ଆବାହନ ପାଇଁ ସମଗ୍ର ଭୁବନ ଅଂଚଳ ଉତ୍ସବମୁଖର ହୋଇପଡିଛି । ଚଳିତବର୍ଷ ଭୁବନ କାଳୀବଜାର ପୂଜା ପ୍ରତିଷ୍ଠାନ ୪୩ ବର୍ଷରେ ପଦାର୍ପଣ କରିଥିବା ବେଳେ ସିନେମାହଲ ଛକ ୩୬ ତମ ବାର୍ଷିକ କାଳୀ ପୂଜା ପାଳନ କରୁଛି । ଭୁବନ ବ୍ଲକ ଅନ୍ତର୍ଗତ ମୁର୍ଦ୍ଦଙ୍ଗା ପଂଚାୟତର ନୂଆହାଟ ସ୍ଥିତ ମହାବୀର ବ୍ୟବସାୟୀ ସଂଘ ତରଫରୁ ୩୪ ତମ ବାର୍ଷିକ କାଳୀ ପୂଜା ଅତ୍ୟନ୍ତ ଉତ୍ସାହ ଉଦ୍ଦିପନା ଶ୍ରଦ୍ଧା ଭକ୍ତିର ସହ ପାଳନ ହେଉଛି ଓ ଏକତାଳି ପଂଚାୟତ ର ପୁରୁଷୋତମପୁର (ମଣିପୁର) ଗ୍ରାମରେ ୧୭ ତମ ବାର୍ଷିକ କାଳୀପୂଜା ପାଳନ ହେଉଛି ।କାଳୀବଜାର-୧୯୭୯ ମସିହାରେ ସ୍ୱର୍ଗତ କେଶବ ଚନ୍ଦ୍ର ସାହୁ,ସ୍ୱର୍ଗତ ବେଣୁଧର ପୃଷ୍ଟି ଙ୍କ ଉଦ୍ୟମ ଓ ବ୍ୟବସାୟୀ ଭାଇ ମାନଙ୍କ ସହଯୋଗରେ ପ୍ରଥମେ କାଳୀବଜାର ଠାରେ କାଳୀପୂଜା ଆରମ୍ଭ ହୋଇଥିଲା । କାଳୀବଜାର ବଣିକ ସଂଘ ୨୦୦୪ ମସିହାରେ ରୌପ୍ୟଜୟନ୍ତୀ ପାଳନ କରିଛି । ଚଳିତବର୍ଷ ୪୩ ତମ ବାର୍ଷିକ କାଳୀପୂଜା ପାଳନ ହେଉଛି । ସଭାପତି ସମୀର କୁମାର ସାହୁଙ୍କ ନେତୃତ୍ୱରେ ବଣିକ ସଂଘର ସମସ୍ତ ଭାଇ ମାନଙ୍କ ସହଯୋଗରେ କାଳୀପୂଜା ଅନୁଷ୍ଠିତ ହେଉଛି । ୨୦୦୪ ମସିହା ରୌପ୍ୟଜୟନ୍ତୀ ବର୍ଷଠାରୁ ପ୍ରତିବର୍ଷ ମାଙ୍କ ବଡପୂଜାରେ ସାମୁହିକ ପ୍ରସାଦସେବନ କାର୍ଯ୍ୟକ୍ରମ କାଳୀବଜାର ବଣିକ ସଂଘର ଏକ ମହାନ ପରମ୍ପରା ତଥା ଭାଇଚାରାର ପ୍ରତୀକ ପାଲଟିଛି । କାଳୀବଜାର ବଣିକ ସଂଘ ତରଫରୁ ଆସନ୍ତା ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ୩ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିର ହୋଇଛି ।ସିନେମାହଲ-୧୯୮୬ ମସିହାରେ ଭୁବନ ଏନ.ଏ.ସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ସିନେମାହଲ ନିକଟ ବାସିନ୍ଦାଙ୍କ ପ୍ରଚେଷ୍ଟାରେ ଙ୍କ ଆରମ୍ଭ ହୋଇଥିବା କାଳୀପୂଜା ଚଳିତବର୍ଷ ୩୬ ବର୍ଷରେ ପଦାର୍ପଣ କରିଛି । ସଭାପତି ସନ୍ତୋଷ କୁମାର ପୋଥାଳଙ୍କ ନେତୃତ୍ୱ ଓ ସାହିବାସିନ୍ଦାଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି ।ନୂଆହାଟ- ଭୁବନ ବ୍ଲକ ଅନ୍ତର୍ଗତ ମୁର୍ଦ୍ଦଙ୍ଗା ପଂଚାୟତ ର ନୂଆହାଟ ଠାରେ ମହାବୀର ବ୍ୟବସାୟୀ ସଂଘ ତରଫରୁ ୧୯୮୯ ମସିହାରେ ଆରମ୍ଭ ହୋଇଥିବା କାଳୀପୂଜା ଗତ ୨୦୧୩ ମସିହାରେ ରୌପ୍ୟ ଜୟନ୍ତୀ ପାଳନ କରି ଚଳିତ ବର୍ଷ ୩୪ ବର୍ଷରେ ପଦାର୍ପଣ କରିଛି । ଯାତ୍ରାପାର୍ଟି ସହିତ ମୀନାବଜାର, ଉଠାଦୋକାନୀ, ଚାଟ, ଦୋସା, ଦହିବରା, ଆଳୁଦମ, ଠୁଙ୍କାପୁରୀ ଓ ମନୋହରୀ ଦୋକାନର ପସରା ମେଲିଛି । ସମସ୍ତ ବ୍ୟବସାୟୀ ଭାଇମାନେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରୁଛନ୍ତି ।ମଣିପୁର-୨୦୦୫ ମସିହାରେ ଭୁବନ ବ୍ଲକ ଅନ୍ତର୍ଗତ ଏକତାଳି ପଂଚାୟତ ର ପୁରୁଷୋତମପୁର ଶାସନ(ମଣିପୁର)ରେ ଗ୍ରାମବାସୀଙ୍କ ସହଯୋଗରେ ପ୍ରଥମେ କାଳୀପୂଜା ଆରମ୍ଭ ହୋଇଥିଲା । ଚଳିତବର୍ଷ ୧୭ ତମ ବାର୍ଷିକ ପୂଜା ଅନୁଷ୍ଠିତ ହେଉଛି । ଅତ୍ୟନ୍ତ ଉତ୍ସାହର ସହ ଗ୍ରାମବାସୀ ପୂଜା ପାଳନ କରୁଛନ୍ତି । ମଣିପୁର ଗ୍ରାମରେ କାଳୀପୂଜା ଗଣପର୍ବର ମାନ୍ୟତା ପାଇଛି । ସେଥିପାଇଁ ସମସ୍ତଙ୍କ ଘରେ କୁଣିଆଙ୍କ ଭିଡ ଜମୁଛି । ଆସନ୍ତା ଶନିବାର ମା କାଳୀଙ୍କ ବଡ ପୂଜା ଓ ସାମୁହିକ ପ୍ରସାଦସେବନ ହେବ ବୋଲି ପୂଜା କମିଟି ସୂତ୍ରରୁ ଜଣାପଡିଛି ।ଅନୁରୂପ ଭାବେ ଭୁବନ ବ୍ଲକର ମଠକରଗୋଳା ଓ ଜିରାଳରେ ମଧ୍ୟ କାଳୀପୂଜା ଧୁମଧାମରେ ପାଳନ କରାଯାଉଛି ।

## ଭଦ୍ରକର ଐତିହାସିକ କାଳୀପୂଜାର ୩ୟ ଦିନ, ତୋରଣ, ଆଲୋକମାଳା ଓ ଅପେରା ପାର୍ଟିରେ ଜମୁଛି ଚରମ୍ପା ଅଂଚଳ

ଭଦ୍ରକ, (ପି.ଏନ): ଭଦ୍ରକରେ ଲୋକକଥା ଅଛି ଏହାର ଐତିହାସିକ ଓଡ଼ିଶା ପ୍ରସିଦ୍ଧ କାଳୀପୂଜା ପାଇଁ ଲୋକମାନେ ବର୍ଷକ ପୂର୍ବରୁ ନିଜ ନିଜ ଘରକରଣା ଜିନିଷର ତାଲିକା କରିଥାନ୍ତି । ତେବେ ଚରମ୍ପାର ରେଲୱେ ଷ୍ଟେସନ, ଡଗରା ସାହି, ସ୍କୁଲରୋଡ୍, ବିଶାଣୀ ଖରିଦା, ଏରେଇଁ ଓ ରାଜଘାଟରେ ଆଜିକୁ ଦୀର୍ଘ ୭ ଦିନ ଧରି ଆରମ୍ଭ ହୋଇଥିବା କାଳୀପୂଜାର ମାହୋଲ ଏବେ ବେଶ୍ ଜମୁଛି । ଆଜିର ୩ୟ ଦିନରେ ପିଲାଙ୍କ ମିନା ବଜାରର ବିଭିନ୍ନ ଦୋଳି ସହ ଘର କରଣା ସାମଗ୍ରୀରେ ସମସ୍ତ କାଳୀ ମଣ୍ଡପ ସନ୍ନିକଟ ରାସ୍ତାପାର୍ଶ୍ୱ ଜନଗହଳିରେ ଫାଟି ପଡୁଛି । ତେବେ ସମସ୍ତ ମଣ୍ଡପରେ ମା' କାଳୀଙ୍କ ମେଢ଼ ସହିତ ବିଭିନ୍ନ ରଙ୍ଗଢଙ୍ଗରେ ନିର୍ମିତ ହୋଇଥିବା ତୋରଣ ଏବଂ ଯେଉଁ କେତେକ ପାର୍ଶ୍ୱ ମୂର୍ତ୍ତି ନିର୍ମାଣ ହୋଇଛି ତାହା ଆଜିର ଯୁବପିଢ଼ିଙ୍କ ସମେତ ଆବାଳ ବୃଦ୍ଧ ବନିତାଙ୍କୁ ପୁରାଣ ଯୁଗର ବହୁ ଗାଥାକୁ ମନେ ପକାଇଦେଇଛି । ବିଶେଷକରି ସ୍କୁଲରୋଡ୍ କମିଟି, ପି.ଡବ୍ଲ୍ୟୁଆଇ, ଲୋକସେଡ୍, ରାଜଘାଟ ଓ ଏରେଇଁର ତୋରଣ ଗୁଡିକ ବେଶ୍ ହୃଦୟଛୁଆଁ ହୋଇଛି ।

# ସ୍ୱର୍ଗତଃ ପରମାନନ୍ଦ ଦାସ ଥିଲେ ଜଣେ ନିର୍ଭୀକ ସାମ୍ବାଦିକ ଓ ସଚ୍ଚୋଟ ସମାଜସେବୀ

ଭଦ୍ରକ, (ପି.ଏନ): ବରିଷ୍ଠ ସାମ୍ବାଦିକ, ଭଦ୍ରକ ମ୍ୟୁନସିପାଲଟିର ପୂର୍ବତନ କାଉନ୍‌ସିଲର ସମାଜସେବୀ, ସଂସଂଗଠକ ପରମାନନ୍ଦ ଦାସଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରଜାତନ୍ତ୍ରର ବରିଷ୍ଠ ସାମ୍ବାଦିକ ପରମାନନ୍ଦ ଦାସଙ୍କ ବିଭିନ୍ନ ଦିଗ ଦିଗନ୍ତକୁ ମନେ ପକାଇ ସ୍ୱର୍ଗତଃ ପ୍ରାଣକୃଷ୍ଣ ବିଶ୍ୱାଳ ସ୍ମୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠନାର ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ସଭାପତିତ୍ୱରେ ଭଦ୍ରକ ନରିପୁରସ୍ଥିତ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ବାସଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି । ଏହି ଶୋକସଭାରେ ପରିଷଦର ଆବାହକ ଦୁର୍ଗା ଶଙ୍କର ବିଶ୍ୱାଳ, ଉପସଭାପତି ମୃତ୍ୟୁଞ୍ଜୟ ମହାପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ଦିବାକର ବାରିକ, ଅଭୟ କୁମାର ଷେଣ୍ଢ, ପ୍ରମୋଦ ରାୟ, ସତ୍ୟଭୂଷଣ ସ୍ୱାମୀ, ରାକେଶ ଦାସ, ରଶ୍ମିତା ଦାଶ, ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା, ସମାଜସେବୀ ଗୋପାଳ ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ଶିବ ପ୍ରସାଦ ରାୟ, ଅଧିବକ୍ତା ଯତିକାନ୍ତ ନାୟକ ପ୍ରମୁଖ ବକ୍ତାମାନେ ଆଲୋଚନା ପ୍ରସଙ୍ଗରେ କହିଥିଲେ ସ୍ୱର୍ଗତଃ ଦାସଙ୍କ ପିତା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ କପିଳ ଚରଣ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୬୭ ମସିହାରୁ ଉତ୍କଳ ସର୍ବୋଦୟ ମଣ୍ଡଳର ବିଭିନ୍ନ ରଚନାତ୍ମକ କାର୍ଯ୍ୟକ୍ରମରେ ବ୍ରତୀ ହୋଇ ସେ ନିଜକୁ ସଂପୂର୍ଣ୍ଣ ଭାବେ ସମାଜସେବା, ମାନବ ସେବା ଓ ଦାରିଦ୍ର୍ୟ ଦୂରୀକରଣ ଉପରେ ପ୍ରାଧାନ୍ୟ ଦେଇ ଜାତିପ୍ରଥାକୁ ଗୁରୁତ୍ୱ ଦେଇ ମାନବୀୟ ଚେତନକୁ ପ୍ରାଧାନ୍ୟ ଦେଉଥିଲେ । ଏତଦ୍‌ବ୍ୟତୀତ ଭଦ୍ରକ ଗରଦପୁର ଠାରେ ପ୍ରତିଷ୍ଠିତ ଗାନ୍ଧି ବାଳାଶ୍ରମ ଏବଂ ସୋରୋସ୍ଥିତ ପୁରୁବାଇ କନ୍ୟାଶ୍ରମ ସହ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ରହି ନିଜ ପିତା କପିଳ ଚରଣଙ୍କ ସୁପରିଚାଳନାରେ ସହାୟତା କରୁଥିଲେ । ଭଦ୍ରକ ପୌରପାଳିକାରୁ ପାରିଷଦ ଭାବେ ସେ ନିର୍ବାଚିତ ହୋଇ ଅଂଚଳର ବହୁ ଗଠନ ମୂଳକ କାର୍ଯ୍ୟରେ ସୁନାମ ଅର୍ଜନ କରିଛନ୍ତି । ୧୯୭୯ ମସିହାରୁ ଜଣେ ଉଚ୍ଚକୋଟୀର ଓ ନିର୍ଭୀକ ସାମ୍ବାଦିକ ଭାବେ ପ୍ରଜାତନ୍ତ୍ରରେ କାର୍ଯ୍ୟ କରି ଖଣ୍ଡ ମଣ୍ଡଳର ବହୁ ଖ୍ୟାତି ଲାଭ କରିଥିଲେ । ଏହାବ୍ୟତୀତ ଭଦ୍ରକ ସହୀଦ ସ୍ମୃତି ଭବନ ଠାରେ ପ୍ରେସ୍ କ୍ଲବ୍ ଗଠନ, ଉତ୍କଳ ଖଦି ମଣ୍ଡଳର ସକ୍ରୀୟ ସଦସ୍ୟତା, ଓଡ଼ିଶା ୟୁନିୟନ୍ ଅଫ୍ ଜର୍ଣ୍ଣାଲିଷ୍ଟର ପୁନ ଉଦ୍ଧାର, ସଂଗ୍ରାମୀ ମହମ୍ମଦ ହନିଫଙ୍କ ସ୍ମୃତି କମିଟିର ସଭାପତି, ମଧୁସୂଦନ ଜେନା ସ୍ମୃତି କମିଟିର ସଂପାଦକ, ନାରାୟଣ ଚନ୍ଦ୍ର ହାଇସ୍କୁଲର ପୁରାତନ ଛାତ୍ର ସଂସଦର ସଭାପତି ଏବଂ ସ୍ୱର୍ଗତଃ ପ୍ରାଣକୃଷ୍ଣ ବିଶ୍ୱାଳ ସ୍ମୃତି ପରିଷଦର ସାଧାରଣ ସଂପାଦକ ଭାବେ ସୁଚାରୁ ରୂପେ କାର୍ଯ୍ୟ କରିଛନ୍ତି । ତାଙ୍କ ବିୟୋଗରେ ବହୁ ବୁଦ୍ଧିଜୀବୀ ଶୋକ ପ୍ରକାଶ କରିଥିବାବେଳେ ତାଙ୍କ ଜୀବନର ବିଭିନ୍ନ କାର୍ଯ୍ୟ ଓ ବିଶେଷ ଭାବେ ସମାଜସେବା ଉପରେ ଆଲୋଚନା କରାଯାଇଥିଲା । ସଭା ପ୍ରାରମ୍ଭରେ ସ୍ୱର୍ଗତଃ ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସେ ନିଜ ଦକ୍ଷତା, ନିର୍ଭୀକତା ଓ ସାହିତିକତା ପାଇଁ ଭଦ୍ରକ ମାଟିରେ ଚିର ଅମର ହୋଇ ରହିବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ଉପସ୍ଥିତ ବକ୍ତାମାନେ ନିଜ ନିଜର ମତ ରଖିଥିଲେ ।

# ପଦ୍ମଗିରି ଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ମାଲକାନଗିରି, (ପି.ଏନ): ମାଲକାନଗିରି ବ୍ଲକ ପଦ୍ମଗିରି ଜୋନ ର ୭ଟି ଗ୍ରାମ ପଂଚାୟତ କୁ ନେଇ ପଦ୍ମଗିରି ଗ୍ରାମ ପଂଚାୟତ ରେ ବିଜେଡି ତରଫରୁ ଜନ ସମ୍ପର୍କ ପଦ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଛି ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ କ୍ରମେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଙ୍କ ନେତୃତ୍ୱରେ ଲୋକଙ୍କ ପାଖରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ପହଂଚାଇବା ପାଇଁ ଏହି ପଦ ଯାତ୍ରା କୁ ମାଲକାନଗିରି ବିଜୁଜନତା ଦଳ ପକ୍ଷରୁ ମଧ୍ୟ ଆରମ୍ଭ କରାଯାଇଛି । ଏହି ପଦ ଯାତ୍ରା ରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ । ପଦଯାତ୍ରା ସମୟରେ ରାଜ୍ୟ ସରକାର ଙ୍କ ସଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ପଦ ଯାତ୍ରାରେ ପଂଚାୟତ ର ଅନେକ ମହିଳା ଓ ଯୁବକ ମାନେ ଯୋଗଦାନ ଦେଇଥିଲେ । ଏହି ପଦଯାତ୍ରାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲା ଯୁବ ସଭାପତି ଆଡ଼ମା ରାବା ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ,ଜିଲ୍ଲା ବିଜେଡି ମହିଳା ଜନତା ଦଳ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଯୋଗ ଦେଇ ବିଜେଡି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକ ମାନଙ୍କୁ ଅବଗତ କରିବା ପଦଯାତ୍ରାରେ ମୂଳ ଉଦ୍ଦେଶ୍ୟ ଲୋକଙ୍କୁ ବୁଝେଇଥିଲେ । କାର୍ଯ୍ୟକ୍ରମ ରେ ମାଲକାନଗିରି ବିଜେଡି ନେତୃ ମଣ୍ଡଳୀ ମାନଙ୍କ ମଧ୍ୟରୁ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା ,ମାଲକାନଗିରି ଜିଲ୍ଲା ବିଜୁ ମହିଳା କୋରାପୁଟ ଜୋନାଲ କମି ଟି ମହିଳା ଉପ ସଭାନେତ୍ରୀ ସୁକାନ୍ତି ବୁରୁଦା , ମାଲକାନଗିରି ବିଜୁ ମହିଳା ଉପ ସଭାନେତ୍ରୀ ସୁନିତା ଜେନା ,ମାଲକାନଗିରି ସଦର ବ୍ଲକ ଅଧ୍ୟକ୍ଷା ଗୋ ?ରୀ ପଡ଼ିଆମୀ ମାଲକାନଗିରି ବ୍ଲକ ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ ,ଜିଲ୍ଲା ପରିଷଦ ସଭ୍ୟ ମୁକା ମାଡକାମୀ , ବିଜେଡି ବରିଷ୍ଠ ନେତା ପ୍ରଫୁଲ ପଣ୍ଡା ,କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍ ଜୟପୁର ,ମାଲକାନଗିରି ନିର୍ବାଚନ ମଣ୍ଡଳୀ ଡ଼ାଇରେକ୍ଟର ଉଦୟ ନାଥ ମାଦ୍ରୀ, ଯୁବ ଉପ ସଭାପତି କଣ୍ଟେସ ପୋଟଲା ,ପୂର୍ବତନ ବ୍ଲକ ସଭାପତି ସର୍ବ ବିଶୋଇ ,ସାଂସଦ ପ୍ରତିନିଧି କାମେଶ୍ୱର ରାଓ , ପୋ ?ର ପରିଷଦ ଛାତ୍ର ସଭାପତି ଏ କେ ରାଜୁ ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ ,ବ୍ଲକ ସଭାପତି ବିଭାଂଶୁ ସାମଲ ,ଜିଲ୍ଲା ଆଦିବାସୀ ନେତା ଘନଶ୍ୟାମ ମାଡକାମୀ ବିଜେଡି ନେତା ଅଖିଳ ମଣ୍ଡଳ ,ବିଜେଡି ନେତା ସୁବାସ ବାନାର୍ଜୀ ,ସମିତି ସଭ୍ୟ ନରସିଂହ ମାଡି ,ସମିତି ସଭ୍ୟ ସୁନ୍ଦର ରାୟ ସେଡା ,ସମିତି ସଭ୍ୟ ସଞ୍ଜିତ ପେଡା ,ସରପଂଚ ଘାସି ନାୟକ ,ସରପଂଚ ସୁଦର୍ଶନ କୋପେ, ସରପଂଚ ଗଙ୍ଗାଧର ମାଡକାମୀ ,ସରପଂଚ ସୁନା ଧର ମାଡକାମୀ ,ସରପଂଚ ବିମଳା ପଡ଼ିଆମୀ ,ବିଜେଡି ଯୁବ ନେତା ସଦାନନ୍ଦ ଖରା ,ବିଜେଡି ନେତା ଫନି ଭୂଷଣ ରାୟ ,ଯୁବ ନେତା ଗାନ୍ଧୀ ପଣ୍ଡା ,ବିଜେଡି ନେତା ପୁର୍ଣ ଚନ୍ଦ୍ର ରାଜୁ ପ୍ରମୁଖଙ୍କ ସହ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ବହୁ କର୍ମକର୍ତା ଯୋଗ ଦେଇ ଥିଲେ ।

# ବଲାଙ୍ଗିର ରେ ଚତୁର୍ଥ ଲୋକ ଅଦାଲତ ଆଗାମୀ ନଭେମ୍ବର ୧୨ ରେ

ବଲାଙ୍ଗିର ,(ପି.ଏନ): ଆସନ୍ତା ନଭେମ୍ବର ମାସ ୧୨ ତାରିଖ ଶନିବାର ଦିନ ବଲାଙ୍ଗିର, ପାଟଣାଗଡ ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଲା, ମୁରିବାହାଲ ଏବଂ ବଙ୍ଗୋମୁଣ୍ଡା ଅଦାଲତ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ? ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୁରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ? ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଏହାସହ ପ୍ରାକ୍ ? ମକଦ୍ଦମାସ୍ତରୀୟ ମାମଲା ତଥା ଚେକ୍ ? ବାଉନ୍ସ, ବ୍ୟାଙ୍କ ଋଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମକଦ୍ଦମା, ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ । ଦୀର୍ଘଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ । ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ଓ ତାଲୁକ ଆଇନ ସେବା କମିଟି ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଲା ଏବଂ ମୁରିବାହାଲ ସହିତ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଛି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday October 28, 2022 ଭୁବନେଶ୍ୱର ଶୁକ୍ରବାର, ଅକ୍ଟୋବର ୨୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଅନୁସୂଚିତ ଜାତି, ଜନଜାତି ପ୍ରାର୍ଥୀଙ୍କ ସଂରକ୍ଷଣ ନିମୟକୁ କାର୍ଯ୍ୟକାରୀ କରିବା ଦାବିରେ ଆଲୋଚନା



ଭୁବନେଶର୍ (ପି.ଏନ): ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତିରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଖାଲି ପଡ଼ିଥିବା ପଦବୀ ସଂରକ୍ଷଣ ନିୟମ ଅନୁଯାୟୀ ତୁରନ୍ତ ପରୂଣ କରିବା ପାଇଁ ରାଜ୍ୟ ସରକାରଙ୍କ କଲ୍ୟାଣ ବିଭାଗ ସଚିବଙ୍କୁ ଭେଟି ଦାବୀ ରଖିଲେ କଂଗ୍ରେସ ଜନଜାତି ବିଭାଗର ଅଧକ୍ଷ ପୂର୍ବତନ ବିଧାୟକ ଭୁଜବଳ ମାଝି ଓ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରା। ପ୍ରକାଶ ଥାଉକି ରାଜ୍ୟ ସରକାର ନିକଟରେ ଠିକା ନିଯୁକ୍ତି ବାତିଲ କରି ୫୭ ହଜାର ଠିକା କମର୍ଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଘୋଷଣା କରିଛନ୍ତି। କିନ୍ତୁ ଠିକା ନିଯୁକ୍ତି ସମୟରେ ସଂରକ୍ଷଣ ନିୟମକୁ ଠିକ୍ ଭାବରେ ପାଳନ କରାଯାଇନାହିଁ ଏବଂ ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବହୁ ସରକାରୀ ପଦବୀ ଖାଲି ପଡ଼ିଥିବା ବେଳେ ମଧ ଦୀର୍ଘ ଦିନ ହେବ ସରକାର ଅବହେଳା ପ୍ରଦଶର୍ନ କରିଆସିଛନ୍ତି ଆଜି ପର୍ଯ୍ୟନ୍ତ ତାହା ପୂରଣ କରାଯାଇନାହିଁ । ୫୭ହଜାର ବାଦ୍ ଦେଇ ମଧ ରାଜ୍ୟରେ ଆହରୁି ଅନେକ ବିଭାଗର ଠିକା କର୍ମଚାରୀ ଏବେବି ସୁଦ୍ଧା କାର୍ଯ୍ୟରତ, ସେମାନଙ୍କ ସଂଖ୍ୟାପ୍ରାୟ ୫୦ହଜାରରୁ ଉର୍ଦ୍ଧ୍ୱ ହେବ। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ପ୍ରାୟ ୧୦ହଜାର, ପ୍ରାଥମିକ ସ୍କୁଲରେ ଜୁନିଅର ଶକ୍ଷିକ ଭାବେ ୧୩ ହଜାର, ଓପେପାରେ ୬ହଜାର, ୨୦୨୦ ମସିହାରେ ନୂଆ ଗ୍ରା ଂଟଇନଏ୍ ଡ୍ ପଲସି ଅନୁଯାୟୀ ଶକ୍ଷିକ ଓ ଅଧାପକ ବିଭିନ୍ନ ସରକାରୀ ଯୋଜନାରେ କାର୍ଯ୍ୟରତ । ଏମାନଙ୍କ କଥାକୁ ବିଚାରକୁ ନେଇ ଏମାନଙ୍କ ସ୍ଥାୟୀ ନିଯୁକ୍ତି କରି ସଂରକ୍ଷଣ ଅନୁଯାୟୀ ପଦବୀ ପୂରଣ କରାଯିବା ପାଇଁ ଶ୍ରୀଯୁକ୍ତ ମାଝି ଓ ଶ୍ରୀଯୁକ୍ତ ବେହେରା, କଲ୍ୟାଣ ସଚବି ଙ୍କ ନିକଟରେ ଦାବୀ ରଖଥିଲେ।

## ବିଶିଷ୍ଟ ଶିକ୍ଷାବିତ ଚର୍ତୁଭୁଜ ମିଶ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଦର୍ପଣ,(ପି.ଏନ.):ବଡଚଣା ବ୍ଲକ ଅନ୍ତର୍ଗତ ଅଭିବକ୍ତ କଟକ ଜିଲ୍ଲା କୁସୁନପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ ତଥା ସୁପ୍ରାବନ୍ଧକ ଭାବେ ପରିଚିତ ଚର୍ତୁଭୁଜ ମିଶ୍ରଙ୍କର(୬୪) ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଛି। ସେ ଜଣେ ଆଦର୍ଶ ନୀତିବାନ, କର୍ତବ୍ୟ ନିଷ୍ଠାପର ସଚ୍ଚୋଟବାଦୀ ଶିକ୍ଷକ ଥିଲେ। ଏ ନେଇ ଅବସରପ୍ରାପ୍ତ ପ୍ରାଧାପକ ବସନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ପୂଜ୍ୟପୂଜା ପରିଷଦ ତଥା ଗୁରୁ ବିଷ୍ଣୁ ସାରଙ୍କ ସ୍ମୃତି ସଂସଦ ଆନୁକୁଲ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପ୍ରାକ୍ତନ ଶିକ୍ଷକ ପରମାନନ୍ଦ ସ୍ୱାଇଁ, ବରିଷ୍ଠ ନାଗରିକ କାର୍ତିକ ଚନ୍ଦ୍ର ପ୍ରଧାନ, ବ୍ୟାଙ୍କ ଅଧିକାରୀଣୀ ପଙ୍କା ପଟ୍ଟନାୟକ, ଶିକ୍ଷୟତ୍ରୀ ମନୋରମା ସାହୁ, ସବିତା ତ୍ରିପାଠୀ, ନଳୀନୀପ୍ରଭା ମହାନ୍ତି, ପ୍ରଭାକର ପ୍ରଧାନ, ଦ୍ୱାରିକାନାଥ ଜେନା, ଇଂଜିନିୟର ପିନାକୀନି ପ୍ରଧାନ, ଇଂଜିନିୟର ଦେବାଶିଶ ପ୍ରଧାନ, ଅମ୍ବିକ ପ୍ରସାଦ ମିଶ୍ର, ପ୍ରାକ୍ତନ ସରପାଂଚ ନୀଳକଣ୍ଠ ମିଶ୍ର, ବଳରାମ ରଣା, ରଶ୍ମିତା ସେଠୀ, ପ୍ରଦୀପ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଚର୍ତୁଭୁଜଙ୍କ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ଉଦ୍ଦେଶ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ୨ ମିନିଟି ନୀରବ ପ୍ରାର୍ଥନା କରିଥିଲେ। ଶେଷରେ ବିଜୟ କୁମାର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

## ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡା. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ସୂରମା ମହାପାତ୍ର, ଡେପୁଟୀ କଲେକ୍ଟର(ଜରୁରୀ) ଅନନ୍ୟା ତ୍ରିପାଠୀ, ଓସଡମାର ଜିଲ୍ଲା ସଂଯୋଜକ ଜଗଦିଶ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ନେଚର୍ସ କ୍ଲବର ସଭାପତି ବିରଜା ପତି, ରେସଓ୍ୱାର ସଂଗଠନର ମୀନତି ମହାରଣା, ଭାରତ ଅନୁଷ୍ଠାନର ଉଦୟନାଥ ବେହେରା, କେନ୍ଦ୍ରାପଡା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷକ,ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ, ପୌର ପରିଷଦର କ୍ଷୀରୋଦ ଚନ୍ଦ୍ର ପାତ୍ର, ଅଗ୍ନିଶମ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆସନ୍ତା ୨୯ତାରିଖରେ ପାଳନ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଜାତୀୟ ପ୍ରଶମନ ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ଆଲୋଚନା କରାଯାଇଥିଲା। ସେଦିନ ପ୍ରାତଃ ସାଢେ ୭ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହେବ ଓ ସକାଳ ୧୦ଟା ସମୟରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ ପ୍ରଦର୍ଶନ କରାଯିବ।

## ମୁଖ୍ୟମନ୍ତ୍ରୀ କଳାକାର ଭତା ନିମନ୍ତେ କଳା ପରୀକ୍ଷଣ ଶିବିର ଅନୁଷ୍ଠିତ

ଜୟପୁର,(ପି.ଏନ): ଜୟପୁର ବ୍ଲକ ସଭା ଗୃହରେ ମୁଖ୍ୟମନ୍ତ୍ରୀ କଳାକାର ଭତା ନିମନ୍ତେ କଳା ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଜିଲା ସାଂସ୍କୃତିକ ଅଧିକାର ପ୍ରତି ସୁଦ୍ଧା ଜେନା, ଜୟପୁର ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି ନିଶା. କେ. ଏସ ଉପସ୍ଥିତ ଥିଲେ । ବିଭିନ୍ନ କ୍ଷେତ୍ର ରେ କଣ୍ଠ ସଂଗୀତ ଗିନି. ବାଦନ ମୃଦଙ୍ଗ ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା ୨୫ ଜଣ କଳାକାର ନିଜ କଳା ପ୍ରଦର୍ଶନ କରିଥିଲେ ।

## ଦିବ୍ୟ ଦେବାଳୟ କାର୍ଯ୍ୟକ୍ରମର ଶୁଭାରମ୍ଭ

କେନ୍ଦ୍ରାପଡ଼ା, (ପି.ଏନ): ସାମାଜିକ ଅନୁଷ୍ଠାନ "ଜୟ ରାଷ୍ଟ" ପକ୍ଷରୁ ସ୍ଥାନୀୟ କୋରୋ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ 'ଦିବ୍ୟ ଦେବାଳୟ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଡା. ବିରେନ୍ଦ୍ର କୁମାର ଦାଶ ଏବଂ ଡିଏଭି ପବ୍ଲିକ ସ୍କୁଲ୍ ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ 'ଜୟ ରଷ୍ଟ୍ର' ପକ୍ଷରୁ ପ୍ରତି ସପ୍ତାହରେ ମଠ ଓ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ଦେବାଳୟ ପରିସରରେ ସ୍ୱଚ୍ଛତା ରକ୍ଷା ଦିଗରେ ସ୍ଥାନୀୟ ଅଞ୍ଚଳରେ ଜନସଚେତନତା ସୃଷ୍ଟି କରାଯିବ । ଗୁରୁବାର ଅନୁଷ୍ଠାନ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସର ସଫେଇ କରାଯିବା ସହ ଏନେଇ ସଚେତନତା ପୋଷ୍ଟର ବିତରଣ କରାଯାଇଥିଲା। ପଲିଥିନରେ ପୂଜା ସାମଗ୍ରୀ ନଆଣିବା, ମନ୍ଦିର ପରିସରରେ ନିଶାସେବନ ନକରିବା ସହ ନିଜ ଅଞ୍ଚଳରେ ଥିବା ଦେବାଳୟର ପରିଚ୍ଛନ୍ନତା ଦାୟିତ୍ୱ ମିଳିତ ଭାବେ ନେବାପାଇଁ ଅନୁଷ୍ଠାନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଥିଲା। ଏହି କାର୍ଯ୍ୟକ୍ରମକୁ ମଳୟ ସାହୁ ଓ ରଶ୍ମି ରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଓଡିଶାରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ସଫଳ ରୂପାୟନ କ୍ଷେତ୍ର ଅଧିକାରୀମାନଙ୍କ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

କେନ୍ଦ୍ରାପଡ଼ା,(ପି.ଏନ): ମିଳିତ ଜାତିସଂଘ ପକ୍ଷରୁ ପ୍ରସ୍ତୁତ 'ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ' ୨୦୩୦ର ଓଡିଶାରେ ସଫଳ ରୂପାୟନ ଲାଗି ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି। ଏନେଇ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ପ୍ରତ୍ୟକ ଜିଲ୍ଲାର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା କରାଯିବ । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାରେ ଏହି ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜନ ସମୁଦାୟ ପାଇଁ ଦୀର୍ଘସ୍ଥାୟୀ ଆର୍ଥିକ, ସାମାଜିକ ଓ ପାରିବେଶକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ୨୦୧୫ ମସିହାରେ ୧୭ଟି ପ୍ରମୁଖ ଲକ୍ଷ୍ୟକୁ 'ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ' ବା ଏସ୍.ଡି.ଜି. ଭାବେ ଚିହ୍ନଟ କରାଯାଇଛି । ସେହି ଲକ୍ଷ୍ୟ ଗୁଡିକୁ ୨୦୩୦ସୁଧା ହାସଲ କରିବା ଲାଗି ରାଜ୍ୟସରକାର ଅବଶ୍ୟକ ଖସଡା ଓ ପଦକ୍ଷେପ ନେଉଛନ୍ତି। କେନ୍ଦ୍ରାପଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଚାଲିଥିବା ଏହି ଦୁଇଦିନିଆ ସାମର୍ଥ୍ୟ ବିକାଶ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଦିନ ଶେଷ ହୋଇଛି । ବୁଧବାର ଦିନ କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏହାର ଉଦ୍‌ଘାଟନ କରିଥିଲେ। ରାଜ୍ୟସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହ ସେଗୁଡିକର ସଫଳ କାର୍ଯ୍ୟକାରିତା ଉପରେ ବିଶେଷ ଧ୍ୟାନଦେବାକୁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ପ୍ରଦୀପ କୁମାର ଜେନା, ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀଙ୍କୁ ଏସ.ଡି.ଜି. ଲକ୍ଷ୍ୟକୁ ୨୦୩୦ ମସିହା ସୁଧା ପୂରଣ କରିବାପାଇଁ ବାର୍ତ୍ତା ଦେଇଥିଲେ। କେନ୍ଦ୍ରାପଡା ଜିଲ୍ଲା ଏସ.ଡି.ଜି.ର ନୋଡାଲ ଅଧିକାରୀ ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ଏହି କର୍ମଶାଳାରେ ଯୋଗଦେଇ ଥିଲେ। ଏଥିରେ ଜିଲ୍ଲାର ୧୮ଟି ବିଭାଗର ସରକାରୀ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ଦୁଇଟି ଗ୍ରାମପଞ୍ଚାୟତର ସରପଞ୍ଚ ଭାଗ ନେଇଥିଲେ । ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟପାଇଁ ମିଳିତ ଜାତିସଂଘ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ପ୍ରମୁଖ ୧୭ଟି ଲକ୍ଷ୍ୟ କିପରି ହାସଲ ହୋଇପାରିବ ସେ ବିଷୟରେ ଅଧିକାରୀମାନଙ୍କୁ ବିଶେଷ ପ୍ରଶିକ୍ଷଣ ଦିଆଯାଇଥିଲା । ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ ଏଜେଣ୍ଡାରେ ରହିଛି ରାଜ୍ୟରୁ ଦାରିଦ୍ର୍ୟ ସମ୍ପୂର୍ଣ୍ଣ ଦୂରିକରଣ, ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରି କ୍ଷୁଦାମୁକ୍ତ ରାଜ୍ୟ ଗଠନ କରିବା, ସମସ୍ତଙ୍କ ପାଇଁ ପୋଷଣଯୁକ୍ତ ଖାଦ୍ୟ ଉପଲବ୍ଧ କରାଇବା, ଗୁଣାତ୍ମକ ଶିକ୍ଷା ସହ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା, ମହିଳା ସଶକ୍ତିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଲିଙ୍ଗଗତ ଅସମାନତା ଦୂର କରିବା, ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସହ ପରିମଳ ପରିଚାଳନା ଉପରେ ଗୁରୁତ୍ୱ ଦେବା। ସେହିପରି ଲୋକଙ୍କ ସୁବିଧା ପାଇଁ ଆଗାମୀ ଦିନରେ ନିରନ୍ତର ଶକ୍ତି ସେବା ଉପଲବ୍ଧ କରିବା, ଦାରିଦ୍ର୍ୟ ଦୂରିକରଣ, ଭିତ୍ତିଭୂମୀ ନିର୍ମାଣ ସହ ଦୀର୍ଘସ୍ଥାୟୀ ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା, ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପ୍ରଭାବର ମୁକାବିଲା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ତଥା ସ୍ଥାନୀୟ ସମ୍ବଳର ଉଚିତ ବ୍ୟବହାର କରିବା ଉପରେ ମଧ ଏହି ତାଲିମ କର୍ମଶାଳା ମାଧ୍ୟମରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କର୍ମଶାଳାକୁ ଯୋଜନା ଓ ସଂଯୋଜନା ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାସ ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ଏସ.ଡି.ଜି. ସେଲର ସହକାରୀ ନିର୍ଦେଶିକା ଅର୍ଚ୍ଚିତା ଦାସ ଓ ଡଃ. ଉପାସନା ମହାପାତ୍ର, ଅର୍ଥନୀତି ବିଶେଷଜ୍ଞ ପ୍ରଦିପ କୁମାର ପଣ୍ଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦେଶକ ଡା. ଅର୍ଦ୍ଧ୍ୟା ପ୍ରଧାନ ଏବଂ କେନ୍ଦ୍ରାପଡା ଜିଲ୍ଲା ପରିଷଦର କାର୍ଯ୍ୟକ୍ରମ ପ୍ରବନ୍ଧକ ଅବଦୁଲ ରହେମାନ ଖାନ ପ୍ରମୁଖ ତାଲିମଦାତା ଭାବେ ଯୋଗଦେଇଥିଲେ। ଏଥିରେ ଭାଗନେଇଥିବା ସରକାରୀ ଅଧିକାରୀ ଏବଂ ତାଲିମଦାତାମାନେ ସ୍ଥାନୀୟ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଜିଲ୍ଲାର ମାର୍ଶାଘାଇ ବ୍ଲକ ।ନ୍ତର୍ଗତ କୁହୁଡି ଗ୍ରାମପଞ୍ଚାୟତ ଏବଂ ଡେରାବିଶ ବ୍ଲକର ନରସିଂହପୁର ପଞ୍ଚାୟତ ପରିଦର୍ଶନ କରି ସେମାନେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ମିସନଶକ୍ତି ମା, ଯୁବକ ଏବଂ ଚାଷୀମାନଙ୍କୁ ଭେଟି ପ୍ରମୁଖ ୩ଟି ପ୍ରସଙ୍ଗ ଲିଙ୍ଗଗତ ସମାନତା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଲିଭିଙ୍ଗ ନୋ ୱାନ ବିହାଇଣ୍ଡ ଆଦି ବିଷୟରେ ପଚାରି ବୁଝିଥିଲେ। ସେଠାରୁ ଫେରି ସରକାର୍‌କ ବିଭିନ୍ନ ବିକାଶ ମୂଳକ ଯୋଜନା ଓ କାର୍ଯ୍ୟକ୍ରମର ଉପଯୋଗ କରି କିଭଳି ଲୋକଙ୍କ ପାଇଁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୁରଣ କରାଯାଇପାରିବ ସେ ଦିଗରେ କର୍ମଶାଳାରେ ଅଧିକ ଆଲୋଚନା କରାଯାଇଥିଲା।

## ଫଳ ଦୋକାନରେ ଅଗ୍ନିକାଣ୍ଡ ଘଟଣା : ସରକାରୀ ସହାୟତା ଦାବି

ଜୟପୁର,(ପି.ଏନ): ଜୟପୁର ନିକଟ ରତ୍ନାକର ଗୁଡାରେ ଥିବା ଫଳ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମଗ୍ରୀ ପୋଡି ଯାଇଥିଲା । ଦୋକାନର ମାଲିକ ମୁକୁନ୍ଦ ଖରା ବନ୍ଧୁ, ସାଙ୍ଗ ସାଥିଙ୍କ ଠାରୁ ଧାର କରଜ କରି ଫଳ ଦୋକାନ କରିଥିଲେ ।

## ଚିତ୍ରଗୁପ୍ତଙ୍କ ପୂଜା ଅନୁଷ୍ଠିତ

କେନ୍ଦ୍ରାପଡ଼ା,(ପି.ଏନ): କରଣ ସମାଜର କୁଳଗୁରୁ ଭଗବାନ ଚିତ୍ରଗୁପ୍ତଙ୍କ ପୂଜା ସ୍ଥାନୀୟ ପାହାଡପୁର ମଠରେ କେନ୍ଦ୍ରାପଡା ଜିଲ୍ଲା କରଣ ସମାଜ ପକ୍ଷରୁ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘଟ ସ୍ଥାପନ, ପୂଜାର୍ଚ୍ଚନା, ହୋମଯଜ୍ଞ, ପୁଷ୍ପାଞ୍ଜଳି ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଚଳିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆଳିର ଛାତ୍ର ସୁମନ ରାଜା ମହାନ୍ତିଙ୍କୁ କରଣ ସମାଜ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଡା. ରମାନାଥ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ମହାନ୍ତି, ଶୈଳେନ୍ଦ୍ର ନାଥ ମହାନ୍ତି, ମାତୃଦତ୍ତ ମହାନ୍ତି, ବିଜୟ କିଶୋର ମହାନ୍ତି, ମନୋଜ କୁମାର ମହାନ୍ତି, ସୁଧାଂଶୁ ଶେଖର ରାୟ, ବସନ୍ତ କୁମାର ଦାସ, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଯୋଗ

## ଚଣ୍ଡୀମନ୍ଦିର ଛକରେ କାଳୀପୂଜା



ଦର୍ପଣ, (ପି.ଏନ.):ଚଣ୍ଡିଖୋଲ ସ୍ଥିତ ଚଣ୍ଡୀମନ୍ଦିର ଛକରେ ମା'କାଳୀଙ୍କ ପୂଜା ବଡ ଜାକଜମକରେ ପାଳନ କରାଯାଉଛି.ସୋମବାର ବିଳମ୍ବିତ ରାତ୍ରିରୁ ମା'ଙ୍କ ପୂଜା କରାଯାଇ ମଙ୍ଗଳବାର ଗ୍ରହଣ ପଡ଼ିଥିବାରୁ ଭକ୍ତଙ୍କ ପାଇଁ ଦର୍ଶନ ବନ୍ଦ ରହିଥିଲା.ମଙ୍ଗଳବାର ରାତ୍ରିରୁ ପୁନର୍ବାର ମା'ଙ୍କ ନିକଟରେ ଭକ୍ତଙ୍କ ଭିଡ ଲାଗିରହିଥିଲା.ଆକର୍ଷଣୀୟ ତୋରଣ ସାଙ୍ଗକୁ ଲାଇଟ ସାଜସଜ୍ଜା ଦେଖିବାକୁ ସ୍ଥାନୀୟ ଲୋକମାନେ ମାଙ୍କ ନିକଟରେ ଭିଡ ଲଗାଉଥିବା ଦେଖିବାକୁ ମିଳିଥିଲା.ସେହିପରି ବଡ଼ଚଣା ଗଣ୍ଡି ଛକ ଓ ଧାନମଣ୍ଡଳରେ ମାଙ୍କର ପୂଜା ବହୁ ଧୁମଧାମରେ ପାଳିତ ହେଉଛି.

## କାଳୀପୂଜାରେ ସମ୍ବର୍ଦ୍ଧନା ସମାରୋହ

ଫୁଲନଖରା, (ପି.ଏନ):କାଳୀପୂଜା ଉପଲକ୍ଷେ ସଦର ଥାନା ବଡ଼ଝରିଲୋସ୍ଥିତ ମା'ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠାନର ସଭାପତି ଅନୁପକୁମାର ସାସମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଡିସିପି ପିକାନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ଉତ୍ସବ ମାଧ୍ୟମରେ ପରସ୍ପର ଭାଇଚାରା ବୃଦ୍ଧି ପାଇଥାଏବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିପି ଚନ୍ଦନ ଘଡ଼େଇ, ସଦର ଥାନା ଆଇଆଇସି ରଶ୍ମିରଂଜନ ମହାପାତ୍ର, ଅତିରିକ୍ତ ଆଇଆଇସି ରୀନା ମିଶ୍ର, ସାଂସ୍କୃତିକ ସମ୍ପାଦକ ଦୀନେଶ ଦାସ, ସୁବୋଧ ପଟ୍ଟନାୟକ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ସାମ୍ବାଦିକ ଲଳିତକୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବ୍ୟକ୍ତି, ମେଧାବୀ ଛାତ୍ରଛାତ୍ରୀ, ମୁରବି ଓ କଟକ ସଦର ପ୍ରେସକ୍ଲବ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତାପଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ମନୋରଂଜନ ଦାସ, ସୁଶାନ୍ତ ସାସମଲ, ରବିନାରାୟଣ ଦାସ, କାମଦେବ ଭୋଇ, ସନ୍ତୋଷ ସିହ୍ନା, ବାବାନି ସିହ୍ନା, ଦୀପକ ପାଲ, ସୌମ୍ୟରନ ପଟ୍ଟନାୟକ, ରମେଶ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶୈଲେନ ଦାସ, ମାନସ ସିହ୍ନା ପ୍ରମୁଖ ସହଯୋଗ କରିଥିଲେ। ଲଳିତକୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତ ଅତିଥିଗଣ ମୀନାବଜାର ବୁଲି ଦେଖିଥିଲେ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray